ବିଶ୍ୱ ପରିବେଶ ସଂରକ୍ଷଣ ଦିବସ

‘ରହିଲେ ବନ, ବଞ୍ଚିବେ ଜନ’

# ‘ସକାଳ’ ଓ ‘ନନ୍ଦିଘୋଷ’ ପରିବାର ପକ୍ଷରୁ ବ୍ୟାପକ ଚାରାରୋପଣ

ବ୍ରହ୍ମପୁର,୨୮ ।୭ (ସମିସ): ଦୈନିକ ସକାଳ ଖବରକାଗଜ ଓ ନନ୍ଦିଘୋଷ ଟିଭି ପକ୍ଷରୁ ବିଶ୍ୱ ପରିବେଶ ସଂରକ୍ଷଣ ଦିବସ ପାଳିତ ହୋଇଛି । ଏହି ଅବସରରେ ସକାଳ ବ୍ରହ୍ମପୁର ସଂସ୍କରଣ ପକ୍ଷରୁ ସ୍ଥାନୀୟ ଜଗତି ନଗର ସ୍ଥିତ ବ୍ୟାଘ୍ରଦେବୀ ମନ୍ଦିର ଓ ଟାମଣା ସ୍ଥିତ ଗ୍ରାମ୍ୟବନଠାରେ ବ୍ୟାପକ ଚାରାରୋପଣ କରାଯାଇଥିଲା । ଉଭୟ କାର୍ଯ୍ୟକ୍ରମରେ ବହୁ ପରିବେଶବିତ, ବୁଦ୍ଧିଜୀବୀ ସମେତ ଯୁବବର୍ଗ ସାମିଲ ହୋଇ ପରିବେଶ ସୁରକ୍ଷା ବାର୍ତ୍ତା ଦେଇଥିଲେ । "ମା ମାଟି ଗଛ, ଆଉ ସବୁ ପଛ" ବୋଲି ବାର୍ତ୍ତା ଦେବା ସହ "ରହିଲେ ବନ ବଞ୍ଚିବେ ଜନ" ବୋଲି ସଚେତନ କରିଥିଲେ । ଚାରା ରୋପଣ କରିବା ସହ ପ୍ରତ୍ୟେକ ବ୍ୟକ୍ତି ପରିବେଶ ପ୍ରତି ଚିନ୍ତାବ୍ୟକ୍ତ ଓ ଯତ୍ନବାନ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ ।





ସକାଳ ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁଙ୍କ ସଂଯୋଜନାରେ ଗଜପତି ନଗର ବ୍ୟାଘ୍ରଦେବୀ ମନ୍ଦିରଠାରେ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରାକ୍ତନ ଡ଼ିଏସପି ତିରୁପତି ଚୌଧୁରୀ, ୩୨ନଂ ୱାର୍ଡ଼ କର୍ପୋରେଟର ସମୀର କୁମାର ମିଶ୍ର, ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚ ସଭାପତି ରାଜେନ୍ଦ୍ର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିନୋଦ ମହାପାତ୍ର, ସଞ୍ଜୟ ତ୍ରିପାଠୀ, ନିରଞ୍ଜନ ଦାସ, ରାମମୋହନ ପଟ୍ଟନାୟକ, ବିଜୟ ବିଶ୍ୱାଳ, ଲୁଲୁ ପାଢ଼ୀ, ନିର୍ମଳ ପାଢ଼ୀ, ଭିକାରୀ ବେହେରା, ପୂର୍ବ ମହାରଣା, ଆଇନଜୀବୀ କୃଷ୍ଣଚନ୍ଦ୍ର ପଣ୍ଡା, ନନ୍ଦିଘୋଷ ଟିଭି ବ୍ୟୁରୋ ଦେବହରୀ ବେହେରା, ସୁବୋଧ ପରିଡ଼ା, ଶଙ୍କର ଉଦ୍ରା, ଚିତ୍ରଭାନୁ ମହାପାତ୍ର ପ୍ରମୁଖ ଗଜପତି ନଗର ଉନ୍ନୟନ କମିଟିର ସଦସ୍ୟଗଣ ଉପସ୍ଥିତ ଥିଲେ । ଏଠାରେ ବ୍ୟାପକ ଚାରାରୋପଣ ସହ ବଣ୍ଟନ କରାଯାଇଥିଲା । ସ୍ଥାନୀୟ ଅଞ୍ଚଳରେ ଗଛ ଲଗାଇବା ଓ ପରିବେଶ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଛି । ସେହିଭଳି ଟାମଣା ସ୍ଥିତ ଗ୍ରାମ୍ୟବନଠାରେ ଆର୍ଯ୍ୟଭଟ୍ଟ ପରିବେଶ ପ୍ରକୃତି ପାଉଣ୍ଡେସନ ସହଯୋଗରେ ବ୍ୟାପକ ଚାରାରୋପଣ କରାଯାଇଥିଲା । ସକାଳର ଗଞ୍ଜାମ ଜିଲ୍ଲା ପ୍ରତିନିଧି କ୍ଷୀରସିନ୍ଧୁ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ପରିବେଶବିତ ସୁଧୀର ରାଉତ, ଶ୍ୟାମସୁନ୍ଦର ଖାଡ଼ଙ୍ଗା ଅତିଥିଭାବେ ଯୋଗଦେଇ ପରିବେଶ ସୁରକ୍ଷା, ବୃକ୍ଷ ରକ୍ଷା ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ମତବ୍ୟକ୍ତ କରିବା ସହ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏ ଅବସରରେ ଆମ୍ବ, ଶିରିଶି ଆଦି ବିଭିନ୍ନ କିସମର ଶତାଧିକ ଚାରାରୋପଣ କରାଯାଇଥିଲା । ଏଠାରେ ୨୦୧୮ ମସିହାଠାରୁ ଶ୍ରୀ ରାଉତଙ୍କ ପ୍ରଚେଷ୍ଟାରେ ଗ୍ରାମ୍ୟ ବନ ସୃଷ୍ଟି କରାଯାଇଛି । ଯାହା ଆଗାମୀ ଯୋଜନ ଯୋଜନ ସମୟ ପର୍ଯ୍ୟନ୍ତ ଲୋକଙ୍କୁ ପରିବେଶ ସୁରକ୍ଷାର ବାର୍ତ୍ତା ପ୍ରଦାନ କରିବ ବୋଲି ଏଠାରେ କୁହାଯାଇଛି । ଏଥିସହିତ ସକାଳ ଓ ନନ୍ଦିଘୋଷ ଟିଭିର ଏହି କାର୍ଯ୍ୟକ୍ରମ ସ୍ଥାନୀୟ ବାସିନ୍ଦାଙ୍କ ସମେତ ବହୁ ବ୍ୟକ୍ତି ପ୍ରଶଂସା କରିଛନ୍ତି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆର୍ଯ୍ୟଭଟ୍ଟ ଅନୁଷ୍ଠାନର ସଦସ୍ୟ ସୁଦାମ ମହାନ୍ତି, କେ ଘନଶ୍ୟାମ, ଆଦିତ୍ୟ ରଥ, ରିତେଶ ଉଦଗାତା, ନିର୍ମାଲ୍ୟ ରାଉତ, ମୋହନ କୁମାର ପତି, ସକାଳର ସହ ସମ୍ପାଦକ ରବିନ୍ଦ୍ର ଗୌଡ଼ଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ଚାରାରୋପଣ କରିଥିଲେ ।




## ଟିପିଏସ୍‌ଓଡିଏଲ୍ ପକ୍ଷରୁ ଚାରାରୋପଣ

ବ୍ରହ୍ମପୁର,୨୮ ।୭ (ସମିସ): ସବୁଜ ଭବିଷ୍ୟତ ନିର୍ମାଣ ଦିଗରେ ପ୍ରତିବଦ୍ଧତାକୁ ଦୋହରାଇ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ମାଲକାନଗିରି ଜିଲ୍ଲାର ସିନ୍ଧ୍ରିମାଳ ଗ୍ରାମରେ ବ୍ୟାପକ ଚାରା ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ବୃକ୍ଷ ମିତ୍ର ପଦକ୍ଷେପ ଅଧୀନରେ ଏହା ଅନୁଷ୍ଠିତ ହୋଇଥିଲା । ଟାଟା ସଷ୍ଟେନେବିଲିଟି ମାସ -୨୦୨୫ର ଅଂଶ ଭାବରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପରିବେଶ ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି କରାଯାଇଛି । ଏହି କାର୍ଯ୍ୟକ୍ରମରେ ଟିପିଏସ୍‌ଓଡିଏଲର ସ୍ୱେଚ୍ଛାସେବୀ ଏବଂ ଗ୍ରାମବାସୀ ଉତ୍ସାହର ସହ ଭାଗ ନେଇ ବୃକ୍ଷ ରୋପଣ କରିଥିଲେ । ଏହା ପରିବେଶ ସଚେତନତା ବୃଦ୍ଧି କରିବା ସହ ସ୍ଥାନୀୟ ଅଞ୍ଚଳରେ ଗୋଷ୍ଠୀ ନିୟୋଜନକୁ ପ୍ରୋତ୍ସାହିତ କରିଥିଲା । ଦକ୍ଷିଣ ଓଡ଼ିଶାର ମାଲକାନଗିରି ଜିଲ୍ଲା ଏହାର ଜୈବ ବିବିଧତା ଏବଂ ଜନଜାତି ସଂସ୍କୃତି ପାଇଁ ପରିଚିତ । ତେଣୁ ଟିପିଏସ୍‌ଓଡିଏଲ୍ ପକ୍ଷରୁ ଏହି ଜିଲ୍ଲାକୁ ପ୍ରାଧାନ୍ୟ ଦିଆଯାଇ ସିଏସଆର୍ ପଦକ୍ଷେପ କାର୍ଯ୍ୟକାରୀ କରାଯାଉଛି । ସ୍ଥାନୀୟ ବାସିନ୍ଦାଙ୍କ ଭାଗିଦାରୀରେ ଏକ ସବୁଜ ପରିବେଶ ଏବଂ ସ୍ଥାୟୀ ଜୀବିକା ସୃଷ୍ଟି କରିବା ପାଇଁ ମଧ୍ୟ କମ୍ପାନୀ ଲକ୍ଷ୍ୟ ରଖିଛି । ଏହି ଅବସରରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, "ଟିପିଏସ୍‌ଓଡିଏଲରେ ଆମର ପ୍ରତ୍ୟେକ କାର୍ଯ୍ୟରେ ସଷ୍ଟେନେବିଲିଟି ଉପରେ ଗୁରୁତ୍ୱ ଦିଆଯାଏ । ଆମର ବୃକ୍ଷ ମିତ୍ର ପଦକ୍ଷେପ କେବଳ ଚାରା ରୋପଣରେ ସୀମିତ ନୁହେଁ, ବରଂ ଏହା ଏକ ସ୍ୱଚ୍ଛ ସବୁଜ ପରିବେଶ ଗଠନ ଦିଗରେ ଆମର ସମର୍ପିତ ମନୋଭାବକୁ ଦର୍ଶାଏ । ଏଭଳି ଛୋଟ ଛୋଟ ପଦକ୍ଷେପ ମାଧ୍ୟମରେ ଆମେ ବଡ଼ ପରିବର୍ତ୍ତନ ଆଣିପାରିବା ଏବଂ ଆମ ପୃଥିବୀକୁ ସୁନ୍ଦର କରିପାରିବା । ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ସାମାଜିକ ଦାୟିତ୍ୱବୋଧ ଏବଂ ପରିବେଶ ସୁରକ୍ଷା ଦାୟିତ୍ୱ ଦିଗରେ ଟିପିଏସ୍‌ଓଡିଏଲର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଅଛି । ଏହା ଦର୍ଶାଏ ଯେ ମିଳିତ ପ୍ରୟାସ ଦ୍ୱାରା ଛୋଟ ଛୋଟ ପଦକ୍ଷେପ ମାଧ୍ୟମରେ ଏକ ଦୀର୍ଘସ୍ଥାୟୀ ପ୍ରଭାବ ସୃଷ୍ଟି ହୋଇପାରିବ । ବିଭିନ୍ନ ପଦକ୍ଷେପ ମାଧ୍ୟମରେ ଗୋଷ୍ଠୀ ସଶକ୍ତିକରଣ କରି ଦକ୍ଷିଣ ଓଡ଼ିଶାରେ ଏକ ସବୁଜ, ସୁସ୍ଥ ଏବଂ ସଷ୍ଟେନେବଲ ଭବିଷ୍ୟତ ନିର୍ମାଣ ଦିଗରେ ଟିପିଏସ୍‌ଓଡିଏଲ୍ ପ୍ରତିବଦ୍ଧ ରହିଛି ।




## କ୍ଷତିପୂରଣ ଦାବିରେ ମୃତ ଅଧ୍ୟାପକଙ୍କ ପରିବାର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ବ୍ରହ୍ମପୁର,୨୮ ।୭ (ସମିସ)



- ତହସିଲଦାରଙ୍କୁ ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ
- ଏମକେସିଜି ଡ୍ରେନ୍‌ରେ ଭାସିଯାଇଥିଲେ ଅଧ୍ୟାପକ
- ମାସେ ପରେ ବି ମୃତକଙ୍କ ପରିବାରକୁ ମିଳିନି ସରକାରୀ ସହାୟତା

ଦୁର୍ଘଟଣା ହେଉ କି ପ୍ରାକୃତିକ ବିପର୍ଯ୍ୟୟ । ମୃତକଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁକମ୍ପା ମୂଳକ ଆର୍ଥିକ ସହାୟତା ରାଶି ପ୍ରଦାନ କରିବାର ନିୟମ ରହିଛି । ଏବଂ ଉକ୍ତ ଅର୍ଥ ରାଶିକୁ ମଧ୍ୟ ନିର୍ଦ୍ଧାରି ସମୟରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ରହିଛି । ସେହିଭଳି ମୃତକଙ୍କ ପରିବାରକୁ ପ୍ରଥମ ପର୍ଯ୍ୟାୟରେ ହରିଶ୍ଚନ୍ଦ୍ର ଯୋଜନାରେ ଶବ ସଂସ୍କାର ପାଇଁ ୪ହଜାର ଟଙ୍କା, ରେଡକ୍ରସରୁ ଆର୍ଥିକ ସହାୟତା ଏବଂ ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ମଧ୍ୟ ଲକ୍ଷାଧିକ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବାର ନିୟମ ରହିଛି । ତେବେ ପ୍ରଶସନିକ ଅବହେଳା ହେଉ ଅଥବା ଅନ୍ୟ କୌଣସି କାରଣରୁ ହେଉ ଘଟଣାର ଦିର୍ଘ ଏକ ମାସ ପରେ ମଧ୍ୟ ମୃତକଙ୍କ ପରିବାରକୁ ଟଙ୍କାଟିଏ ମଧ୍ୟ ସରକାରୀ ସହାୟତା ମିଳିନଥିବା ଜଣାପଡିଛି । ଏଭଳି ଘଟଣା ଘଟିଛି ବ୍ରହ୍ମପୁର ସହରରେ । ଗତ ଜୁନ୍ ୨୫ତାରିଖରେ ପ୍ରବଳ ବର୍ଷା ବେଳେ ଏମକେସିଜି ମେଡିକାଲ କଲେଜ ଖେଳପଡିଆ ସଂଲଗ୍ନ ମୁକୁଳା ଡ୍ରେନରେ ପଡି ଅଧ୍ୟାପକ ମହେନ୍ଦ୍ର ପାଣିଗ୍ରାହୀଙ୍କର ମୃତ୍ୟୁ ଘଟିଥିଲା । ଘଟଣାକୁ ନେଇ ଏମକେସିଜି ମେଡିକାଲ କର୍ତ୍ତୃପକ୍ଷ, ଡ୍ରେନେଜ ବିଭାଗ, ପୂର୍ତ୍ତବିଭାଗ ଓ ବିଇଏମସି ପରସ୍ପରକୁ ଅଙ୍ଗୁଳି ନିର୍ଦ୍ଦେଶ କରି ନିଜ ଉପରୁ ଦୋଷ ଛଡାଇଥିଲେ । ଫଳରେ ଦିର୍ଘ ଏକମାସ ପରେ ମଧ୍ୟ ଉକ୍ତ ମୁକୁଳା ଡ୍ରେନ କାହାର ତାହା ସ୍ପଷ୍ଟ ହୋଇପାରିଲା ନାହିଁ । ଯାହାର ଫଳସ୍ୱରୁପ ମୃତ ମହେନ୍ଦ୍ର ପାଣିଗ୍ରାହୀଙ୍କ ପରିବାରକୁ ଆଜି ପର୍ଯ୍ୟନ୍ତ ଟଙ୍କାଟିଏ ମଧ୍ୟ ସରକାରୀ ସହାୟତା ବା ଅନୁକମ୍ପାମୂଳକ ଆର୍ଥିକ ସହାୟତା ମିଳିପାରି ନାହିଁ । ଏଭଳି ଘଟଣାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ମଧ୍ୟ ହୋଇଛି । ପରବର୍ତ୍ତି ସମୟରେ ମୃତ ମହେନ୍ଦ୍ର ପାଣିଗ୍ରାହୀଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବା ଦାବି କରି ଗଞ୍ଜାମ ଓକିଲ ସଂଘ ପକ୍ଷରୁ ମଧ୍ୟ ଦାବି କରାଯାଇ ବ୍ରହ୍ମପୁର ଉପ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ତଥାପି କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ସୋମବାର ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣିରେ ମୃତ ମହେନ୍ଦ୍ରଙ୍କ ବିଧବା ପତ୍ନୀ ଓ ପୁଅ ହାଜର ହୋଇ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଗଞ୍ଜାମ ଜିଲ୍ଲାପାଳ କିର୍ତ୍ତି ଭାସନଙ୍କୁ ନିବେଦନ କରିଥିଲେ । ଘଟଣା ସମ୍ପର୍କରେ ଜିଲ୍ଲାପାଳ ଉଭୟ ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ଓ ବିଇଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ସହ ଆଲୋଚନା କରି ପରେ ବ୍ରହ୍ମପୁର ତହସିଲଦାରଙ୍କୁ ଘଟଣା ସମ୍ପର୍କିତ ରିପୋର୍ଟ ତୁରନ୍ତ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ଆଶ୍ୱାସନା ପରେ ମୃତ ମହେନ୍ଦ୍ର ପାଣିଗ୍ରାହୀଙ୍କ ପରିବାରକୁ ସରକାରୀ ଅନୁକମ୍ପାମୂଳକ ଆର୍ଥିକ ସହାୟତା ମିଳିବା ନେଇ ଆଶା ସଞ୍ଚାର ହୋଇଛି ।

## ଏମ୍‌କେସିଜିରେ ଲାଗିଥିବା ଏସିରୁ ଅଗ୍ନିକାଣ୍ଡ

ବ୍ରହ୍ମପୁର,୨୮ ।୭ (ସମିସ): ଏମକେସିଜି ମେଡ଼ିକାଲର ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗର ଏସିରେ ଅଗ୍ନିକାଣ୍ଡ ଘଟିଛି । ସୋମବାର ଅପରାହ୍ନରେ ବିଭାଗର ତଳ ମହଲାରେ ନିଆଁ ଜଳୁଥିବା ନେଇ କର୍ତ୍ତୃପକ୍ଷ ଜାଣିବାକୁ ପାଇଥିଲେ । ଯାଞ୍ଚପରେ ବାହାର ପଟରେ ରହିଥିବା ଏସିର କମ୍ପ୍ରେସରରେ ନିଆଁ ଜଳୁଥିବାର ଦେଖିବାକୁ ମିଳିଥିଲା । ସଟସର୍କିଟ କାରଣରୁ ନିଆଁ ଲାଗିଥିବା ଅନୁମାନ କରି ଅଗ୍ନିଶମ ବାହିନୀଙ୍କୁ ସୂଚନା ଦିଆଯାଇଥିଲା । ଅଗ୍ନିଶମ ବିଭାଗର ଅଧିକାରୀ ସୁଶାନ୍ତ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଦଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଅଗ୍ନିକାଣ୍ଡରେ କୌଣସି କ୍ଷୟକ୍ଷତି ହୋଇନଥିବା ଜଣାଯାଇଛି ।

- ମହିଳାଙ୍କଠାରୁ ୮ ଲକ୍ଷ ଠକେଇ ଘଟଣା

## ଗ୍ରୀନ୍ ଇଣ୍ଡିଆ ନିର୍ଦ୍ଦେଶକ ଓ ଏଜେଣ୍ଟ ନାମରେ ଥାନାରେ ମାମଲା

ବ୍ରହ୍ମପୁର,୨୮ ।୭ (ସମିସ): ଜଣେ ମହିଳାଙ୍କଠାରୁ ୮ ଲକ୍ଷ ୧୨ହଜାର ଟଙ୍କା ଠକେଇ ଘଟଣାରେ ଚିଟଫଣ୍ଡ ସଂସ୍ଥା ଗ୍ରୀନଇଣ୍ଡିଆର ନିର୍ଦ୍ଦେଶକ ପ୍ରଦୀପ ସିଂଙ୍କ ସମେତ ଜଣେ ଏଜେଣ୍ଟଙ୍କ ନାଁରେ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଛି । ନିକଟରେ ଅନୁରୁପ ଭାବେ ଜଣେ ବ୍ୟକ୍ତିଙ୍କ ଠାରୁ ୫ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ପ୍ରଦୀପ ସିଂଙ୍କ ବିରୁଦ୍ଧରେ ବୈଦ୍ୟନାଥପୁର ଥାନାରେ ଏକ ମାମଲା ରୁଜୁ ହୋଇଥିଲା । ପୂର୍ବରୁ ଏକାଧିକ ଠକେଇ ମାମଲାରେ ସେ ଜେଲ ଯାଇ ବର୍ତ୍ତମାନ ଜାମିନରେ ଅଛନ୍ତି । ଏଭଳି ସ୍ଥିତିରେ ତାଙ୍କ ନାମରେ ବିଭିନ୍ନ ଥାନାରେ ଗୋଟିଏ ପରେ ଗୋଟିଏ ମାମଲା ରୁଜୁ ହେଉଥିବାରୁ ଗ୍ରୀନଇଣ୍ଡିଆ ଏମଡିଙ୍କ ଅଡୁଆ ବଢିବାରେ ଲାଗିଛି । ପ୍ରକାଶଥାଉକି, ୨୦୧୧-୧୨ମସିହାରେ ସ୍ଥାନୀୟ ଅଯୋଧ୍ୟାନଗର ୨ୟ ଲାଇନରେ ରହୁଥିବା ପ୍ରଦୀପ ସିଂ ଓ ତାଙ୍କ ସହଯୋଗୀ ଗ୍ରୀନଇଣ୍ଡିଆ ମଲଟି ଷ୍ଟେଟ ମେମ୍ବର୍ସ କ୍ରେଡିଟ କୋପରେଟିଭ ସୋସାଇଟି ଲିମିଟେଡ ନାମକ ଚିଟଫଣ୍ଡ ସଂସ୍ଥା ଖୋଲି ଜମାଟଙ୍କା ଉପରେ ଅଧିକ ଲାଭ ଦେବାର ଲୋଭ ଦେଖାଇ ଶହ ଶହ ଲୋକଙ୍କ ଠାରୁ କୋଟି କୋଟି ଟଙ୍କା ସଂଗ୍ରହ କରିଥିଲେ । ଏହି ଚିଟଫଣ୍ଡ ସଂସ୍ଥାରେ ପ୍ରଦୀପ ସିଂ ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ପଦରେ ରହିଥିବା ବେଳେ ଅରବିନ୍ଦନଗର ୩ୟ ଲାଇନର ସରକାରୀ ଶିକ୍ଷକ ଦୟାନିଧୀ ପାତ୍ର ଏହି ସଂସ୍ଥାର ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିଲେ । ୨୦୧୪ମସିହା ଏପ୍ରିଲ ୨୨ତାରିଖରେ ଅରବିନ୍ଦନଗର ୩ୟ ଲାଇନର ମହିଳା ବିଷ୍ଣୁପ୍ରିୟା ପାଣିଗ୍ରାହୀ ଏହି ଚିଟଫଣ୍ଡ ସଂସ୍ଥାରେ ୮ ଲକ୍ଷ ୧୨ହଜାର ଟଙ୍କା ଜମା କରିଥିଲେ । ସଂସ୍ଥାର ଏଜେଣ୍ଟ ଦୟାନିଧୀ ପାତ୍ର ଏବଂ ନିର୍ଦ୍ଦେଶକ ପ୍ରଦୀପ ମିଳିତଭାବେ ବିଷ୍ଣୁପ୍ରିୟାଙ୍କୁ ଅଧିକ ଟଙ୍କାର ସୁଧ ମିଳିବ ବୋଲି ଲୋଭ ଦେଖାଇ ଟଙ୍କା ଜମା କରିବାକୁ କହିଥିଲେ । ହେଲେ ସମୟ ଅବଧି ପୂରଣ ହେବାପରେ ମଧ୍ୟ ବିଷ୍ଣୁପ୍ରିୟାଙ୍କୁ ତାଙ୍କ ମୂଳ ଟଙ୍କା କିମ୍ବା ସୁଧ ଟଙ୍କା ମିଳିନଥିଲା । ଏନେଇ ସେ ଚିଟଫଣ୍ଡ କମ୍ପାନୀର ନିର୍ଦ୍ଦେଶକ ଓ ଏଜେଣ୍ଟଙ୍କୁ ବାରମ୍ବାର ଯୋଗାଯାଗ ପରେ ମଧ୍ୟ ସୁଫଳ ମିଳିନଥିଲା । ଶେଷରେ ବିଷ୍ଣୁପ୍ରିୟା କୋର୍ଟରେ ଏକ ୱାନସିସି ମାମଲା ଦାୟର କରିଥିଲେ । ଏହାପରେ ଗ୍ରୀନଇଣ୍ଡିଆ ନିର୍ଦ୍ଦେଶକ ପ୍ରଦୀପ ଓ ଏଜେଣ୍ଟ ଦୟାନିଧୀଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ କରିବାକୁ କୋର୍ଟଙ୍କ ପକ୍ଷରୁ ଟାଉନ ଥାନାକୁ ନିର୍ଦ୍ଦେଶ ଦିଆଯାଇଛି । ଏହିକ୍ରମରେ ଥାନାରେ କେସ ନଂ ୩୦୧/୨୫ରେ ଏକ ମାମଲା ରୁଜୁ ହୋଇଛି ।

## ନିବେଶ ଆଳରେ ୫୪ଲକ୍ଷ ଠକିନେଲେ ଦମ୍ପତି

ବ୍ରହ୍ମପୁର,୨୮ ।୭ (ସମିସ): ନିବେଶ ନାଁରେ ସହରର ଏକାଧିକ ବ୍ୟକ୍ତିଙ୍କ ଠାରୁ ୫୪ଲକ୍ଷ ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି । ସ୍ଥାନୀୟ ଗାନ୍ଧୀନଗର ଅଞ୍ଚଳର ଏକ ଦମ୍ପତି ବିଭିନ୍ନ କମ୍ପାନୀ ଜରିଆରେ ଅଧିକ ସୁଧ ଦେବାକୁ ପ୍ରତିଶ୍ରୁତି ଦେଇ ଏହି ଟଙ୍କା ଠକିଥିବା ଜଣାପଡିଛି । ଠକେଇର ଶିକାର ବ୍ୟକ୍ତିମାନେ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ସୂଚନାପ୍ରକାରେ, ତୁଳସୀନଗର ୯ମ ଲାଇନର ଦୀଲିପ କୁମାର ନାୟକ କିଛିମାସ ପୁର୍ବେ ଗାନ୍ଧୀନଗର ୭ମ ଲାଇନର ମେନସନ ଆପାର୍ଟମେଣ୍ଟରେ ରହୁଥିବା ଏହି ଦମ୍ପତିଙ୍କ ସହ ପରିଚୟ ହୋଇଥିଲେ । ଏହି ଦମ୍ପତି ଏକାଧିକ ଘରୋଇ କମ୍ପାନୀ ସହ ଜଡିତ ଥିବା କହି ଉକ୍ତ କମ୍ପାନୀ ଗୁଡ଼ିକରେ ନିବେଶ କଲେ ମୋଟା ଅଙ୍କର ସୁଧ ମିଳିବ ବୋଲି ଦୀଲିପଙ୍କୁ କହିଥିଲେ । ବି-ଲାଇଫ ଅନଲାଇନ ମାର୍କେଟିଂ ପ୍ରାଇଭେଟ ଲିମିଟେଡ, ଧର୍ମନଗର ଠାରେ ଥିବା ଜନସମ୍ମାନ ମାଇକ୍ରୋ ଫାଉଣ୍ଡେସନ ପ୍ରାଇଭେଟ ଲିମିଟେଡ, ପୁରୁଣା ବସଷ୍ଟାଣ୍ଡ ଠାରେ ଥିବା ସାଇ ମାର୍କେଟିଂ ଏଜେନ୍ସି ଓ ବି-ଲାଇଫ ଗ୍ରାମୀଣ ନିଦ୍ଧି ଲିମିଟେଡ ନାମକ ୪ଟି କମ୍ପାନୀର ବିଭିନ୍ନ ସ୍କିମ ବିଷୟରେ ଏହି ଦମ୍ପତି ବୁଝାଇଥିଲେ । ଏପରିକି ଟଙ୍କା ଫେରସ୍ତର ନିର୍ଭର ପ୍ରତିଶ୍ରୁତି ଦେବା ସହ ଟଙ୍କା ନେବାବେଳେ ଭଦ୍ର ଲୋକଙ୍କ ଉପସ୍ଥିତିରେ ଏଗ୍ରିମେଣ୍ଟ କରିବା ଓ ଚେକ୍ ଦେବା ପ୍ରତିଶ୍ରୁତି ଦେଇଥିଲେ । ସେହିକ୍ରମରେ ଦିଲିପ ଏହି ଦମ୍ପତିଙ୍କ କଥାରେ ବିଶ୍ୱାସ କରି ପ୍ରଥମେ ୧୦ଲକ୍ଷ ଟଙ୍କା ଓ ପରେ ଅଧିକ ୩ଲକ୍ଷ ଟଙ୍କା ନିବେଶ ପାଇଁ ଦେଇଥିଲେ । ଅଧିକ ସୁଧ ମିଳୁଥିବାରୁ ଦୀଲିପ ନିଜ ଠାରେ ଥିବା ସମସ୍ତ ଟଙ୍କା ନିବେଶ କରିବା ପରେ ନିଜ ବନ୍ଧୁ ଅଶୋକ ମହାପାତ୍ର ଓ ମାଉସୀ ଝୁନୁ ପଣ୍ଡାଙ୍କୁ ମଧ୍ୟ ଉପରୋକ୍ତ କମ୍ପାନୀ ଗୁଡ଼ିକରେ ନିବେଶ କରିବାକୁ ପରାମର୍ଶ ଦେଇଥିଲେ । ସେହିକ୍ରମରେ ଏହି ଦମ୍ପତିଙ୍କ କଥାରେ ପଡି ଅଶୋକ ୧୪ଲକ୍ଷ ଟଙ୍କା ଓ ଝୁନୁ ୨୦ଲକ୍ଷ ଟଙ୍କା ନିବେଶ କରିଥିଲେ । ଏହି ୩ଜଣ ମିଶି ମୋଟ ୫୪ଲକ୍ଷ ୩୭ହଜାର ଟଙ୍କା ନିବେଶ କରିଥିଲେ । ଟଙ୍କା ନେବାବେଳେ ଏହି ଦମ୍ପତି ନିବେଶକଙ୍କ ସହ ଚୁକ୍ତିନାମା କରିବା ସହ ଚେକ୍ ଦେଇଥିଲେ । ହେଲେ କିଛିଦିନ ପରେ ଏହି ଦମ୍ପତି କମିଶନ ଟଙ୍କା ଦେବା ବନ୍ଦ କରି ଦେଇଥିଲେ । ଏପରିକି ମୂଳ ଟଙ୍କା ମାଗିବା ପରେ ମଧ୍ୟ ଫେରସ୍ତ କରିନଥିଲେ । ପରେ ଦୀଲିପ ଓ ଅନ୍ୟ ନିବେଶକମାନେ ଏହି ଦମ୍ପତି ଦେଇଥିବା ଚେକକୁ ବ୍ୟାଙ୍କରେ ଜମା କରିବା ପରେ ତାହା ବାଉନ୍ସ ହୋଇଯାଇଥିଲା । ତେବେ ଦିଲିପ ଓ ଅନ୍ୟମାନେ ନିବେଶ ନାଁରେ ଏହି ଦମ୍ପତିଙ୍କ ଦ୍ୱାରା ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ । ଦୀଲିପଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା(୩୦୦/୨୫) ରୁଜୁ ହୋଇଛି ।

# କୋମାରେ ଆମ୍ବୁଲାନ୍ସ ବ୍ୟବସ୍ଥା

ଡ୍ରାଇଭର ଅଭାବ, ୫୮ ବଦଳରେ ଅଛନ୍ତି ୧୩

ଗୁରୁତର ରୋଗୀଙ୍କ ସ୍ଥାନାନ୍ତରରେ ବିଳମ୍ବ

ବ୍ରହ୍ମପୁର,୨୮ ।୭ (ସମିସ)

ଗୋଟିଏ ସରକାରୀ ହସ୍ପିଟାଲରୁ ଅନ୍ୟ ଏକ ହସ୍ପିଟାଲକୁ ରୋଗୀ ନେବା ପାଇଁ ଆମ୍ବୁଲାନ୍ସର ଆବଶ୍ୟକତା ରହିଛି । ଏହାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗଞ୍ଜାମ ଜିଲ୍ଲାରେ ଥିବା ମୁଖ୍ୟ ଚିକିତ୍ସାଳଠାରୁ ଆରମ୍ଭ କରି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଛି । ଏଥି ନିମନ୍ତେ ଆବଶ୍ୟକ ମୁତାବକ କର୍ମଚାରୀଙ୍କୁ ନିଯୁକ୍ତି କରାଯାଇଥିଲା । ବର୍ତ୍ତମାନ କର୍ମଚାରୀ ଅଭାବରୁ ସରକାରୀ ଆମ୍ବୁଲାନ୍ସ ବ୍ୟବସ୍ଥା ସଠିକ ଭାବରେ କାର୍ଯ୍ୟକାରୀ ହେଉନଥିବା ଅଭିଯୋଗ ହୋଇଛି । ଫଳରେ ୧୦୮ ଆମ୍ବୁଲାନ୍ସ ଉପରେ ହିଁ ଜିଲ୍ଲାର ସମସ୍ତ ରୋଗୀ ନିର୍ଭର କରୁଛନ୍ତି । ଏଭଳି କ୍ଷେତ୍ରରେ ସଠିକ ସମୟରେ ଜଣେ ଗୁରୁତର ରୋଗୀ ଉତ୍ତମ ଚିକିତ୍ସା ଲାଗି ଗୋଟିଏ ହସ୍ପିଟାଲାରୁ




ଅନ୍ୟ ହସ୍ପିଟାକୁ ଯିବାରେ ବିଳମ୍ବ ହେଉଥିବା ବହୁ ରୋଗୀ ଅଭିଯୋଗ କରିଛନ୍ତି । ଗଞ୍ଜାମ ଜିଲ୍ଲାର ଗୋଟିଏ ମୁଖ୍ୟ ଚିକିତ୍ସାଳ ରହିଥିବା ବେଳେ ବିଭିନ୍ନ ସ୍ଥାନରେ ୪ଟି ଉପଖଣ୍ଡ ଚିକିତ୍ସାଳୟ ରହିଛି । ସେହିପରି ୨୮ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ୯୩ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି । ପ୍ରତିଦିନ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକୁ ବିଭିନ୍ନ ରୋଗର ଚିକିତ୍ସା ନିମନ୍ତେ ଶତାଧିକ ରୋଗୀ ଆସିଥାନ୍ତି । ଆବଶ୍ୟକସ୍ଥଳେ ଡ଼ାକ୍ତରଙ୍କ ପରାମର୍ଶ କ୍ରମେ କିଛି ଗୁରୁତର ରୋଗୀଙ୍କୁ ଉପଯୁକ୍ତ ଓ ଉତ୍ତମ ଚିକିତ୍ସା ନିମନ୍ତେ ଅନ୍ୟ ହସ୍ପିଟାଲକୁ ରେଫର କରାଯାଇଥାଏ । ଏଭଳି ସ୍ଥଳେ ରୋଗୀଙ୍କୁ ଆମ୍ବୁଲାନ୍ସର ଆବଶ୍ୟକ ରହିଛି । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ମୋଟ ୧୧ଟି ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି । ଏଥି ନିମନ୍ତେ ମୋଟ ୫୮ଜଣ ଆମ୍ବୁଲାନ୍ସ ଡ୍ରାଇଭର ପଦବୀ ସମେତ ବିଭିନ୍ନ କର୍ମଚାରୀଙ୍କୁ ନିଯୁକ୍ତ ପ୍ରଦାନ କରାଯାଇଥିଲା । କିନ୍ତୁ ବିଭିନ୍ନ ସମୟରେ ଉକ୍ତ ଡ୍ରାଇଭରମାନେ ଅବସର ନେଇଥିବା ବେଳେ ବର୍ତ୍ତମାନ ମାତ୍ର ୧୩ଜଣ ଡ୍ରାଇଭର କାର୍ଯ୍ୟ କରୁଛନ୍ତି । କୁକୁଡ଼ାଖଣ୍ଡି, ଭାଟକୁମୁରଡ଼ା ଓ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିମନ୍ତେ ୨୦୨୩ମସିହାରେ ଗୋଟିଏ ଲେଖାଏଁ ନୂତନ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି । କିନ୍ତୁ ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆମ୍ବୁଲାନ୍ସ ଡ୍ରାଇଭର ନଥିବାରୁ ବର୍ତ୍ତମାନ ଆମ୍ବୁଲାନ୍ସ ଗୁଡ଼ିକ ପଡ଼ିପଡ଼ି ନଷ୍ଟ ହେବାରେ ଲାଗିଛି । ସେହିପରି ବ୍ରହ୍ମପୁର ସିଟି ହସ୍ପିଟାଲରେ ଦୁଇଟି ଆମ୍ବୁଲାନ୍ସ ରହିଥିବା ବେଳେ ସେଥିମଧ୍ୟରୁ ଗୋଟିଏ ଦୁଇ ସପ୍ତାହ ହେବ ଅଚଳ ରହିଛି । ଏଭଳି ଭାବେ ଜିଲ୍ଲାର ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିବା ସରକାରୀ ଆମ୍ବୁଲାନ୍ସ ସେବା କୋମାରେ ରହିଛି । ଡ଼ାକ୍ତରଙ୍କ ପରାମର୍ଶକ୍ରମେ ଜଣେ ଗୁରୁତର ରୋଗୀଙ୍କୁ ଗୋଟିଏ ସରକାରୀ ହସ୍ପିଟାଲରୁ ଅନ୍ୟ ହସ୍ପିଟାକୁ ରେଫର ହେବାକୁ ଥିଲେ । ୧୦୮ ଆମ୍ବୁଲାନ୍ସ ଉପରେ ନିର୍ଭର ହେଉଛନ୍ତି । ଫଳରେ ଗୁରୁତର ରୋଗୀଙ୍କୁ ସ୍ଥାନାନ୍ତରିତ କରିବାରେ ବିଳମ୍ବ ରହିଛି । ତେଣୁ ଜିଲ୍ଲାରେ ଖାଲି ପଡ଼ିଥିବା ଆମ୍ବୁଲାନ୍ସ ଡ୍ରାଇଭର ପଦବୀ ପୁରଣା କରିବା ସହ ଉକ୍ତ ସେବାକୁ ସଠିକ ଭାବେ ପରିଚାଳନା କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।

**ଡାକ୍ତରବାଞ୍ଜିରି ଗ୍ରାମ ବିକ୍ରି ଘଟଣା**

# ‘ରାଜନୈତିକ ରଙ୍ଗ ଦେବା ଛଡ଼ା ପୂର୍ବତନ ବିଧାୟକ କିଛି କରିନାହାନ୍ତି’

ପାରଳାଖେମୁଣ୍ଡି, ୨୮ ।୭ (ସମିସ)



ଗଜପତି ଜିଲ୍ଲା ଗୋଷାଣି ବ୍ଲକ କତଳକଇଠା ପଞ୍ଚାୟତ ଅଧୀନ ଡାକ୍ତରବାଞ୍ଜିରି ଗ୍ରାମ ବିକ୍ରି ଘଟଣା ରାଜ୍ୟରେ ବେଶ୍ ଚର୍ଚ୍ଚାରେ ରହିଛି । ଏହି ଗ୍ରାମ ବିକ୍ରିବେଳେ ପୂର୍ବତନ ବିଧାୟକ କେ.ନାରାୟଣରାଓ କିପରି ଜାଣିପାରିଲେ ନାହିଁ। ବିକ୍ରିର ମାସେ ପରେ ସାମ୍ବାଦିକ ସମ୍ମିଳନୀ କରି ଯେଉଁ କୁମ୍ଭୀର କାନ୍ଦଣା କାନ୍ଦିଛନ୍ତି ତାହା ସଭିଏ ଜଣିଛନ୍ତି ବୋଲି ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ କରାଯାଇଛି । ସୂଚନାଯୋଗ୍ୟ ଦୁଇଦିନ ପୂର୍ବେ ଡାକ୍ତରବାଞ୍ଜିରି ଗ୍ରାମ ବିକ୍ରି ଘଟଣାକୁ ଏକ ଘୋଟାଲା ବୋଲି ଶ୍ରୀ ରାଓ କହିବା ସହ ପୂର୍ବତନ ଜିଲ୍ଲାପାଳ ଓ ସ୍ଥାନୀୟ ବିଧାୟକଙ୍କୁ କାଠଗଡ଼ାରେ ଠିଆ କରିଥିଲେ। ଯାହାର ଉତ୍ତର ଆଜି ଗଜପତି ଜିଲ୍ଲା ବିଜେଡି କର୍ମକର୍ତ୍ତା ଏକତ୍ର ହୋଇ ଦେଇଛନ୍ତି। ପ୍ରଥମେ ଜିଲ୍ଲା ବିଜେଡି ସଭାପତି ପ୍ରଦୀପ ନାୟକ ଘଟଣାକୁ ରାଜନୈତିକ ରଙ୍ଗ ଦିଆଯାଉଛି । ପୂର୍ବରୁ ବିଜୁ ଜନତା ଦଳ ଡାକ୍ତରବାଞ୍ଜିରି ବିକ୍ରି ଘଟଣାରେ ପ୍ରଭାବିତ ଜନତାଙ୍କ ସହ ରହିଛି ଏବଂ ଶ୍ରୀ ରାଓ ଯେଉଁ ସବୁ ଆରୋପ ଲଗାଇଛନ୍ତି ବିଜୁ ଜନତା ଦଳ ଓ ସ୍ଥାନୀୟ ବିଧାୟକଙ୍କ ଉପରେ ସେଥିପାଇଁ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି କହିଥିଲେ। ପରେ ଜିଲ୍ଲାପରିଷଦ ସଭ୍ୟ ଏସ୍.ବାଲାରାଜୁ ସମସ୍ତ ଦସ୍ତାବିଜ ସହ ଏହି ଘଟଣାରେ ବିଜେଡି ପ୍ରଭାବିତଙ୍କ ସହ ରହି କିପରି ଲଢିଛି ତାହା କହିବା ସହ ବିଳମ୍ବରେ ହେଲେ ମଧ୍ୟ ଶ୍ରୀ ରାଓ ଏହି ବିକ୍ରି ବେଆଇନ ବୋଲି କହିଛନ୍ତି ତାଙ୍କୁ ଧନ୍ୟବାଦ ଦେଉଛୁ ଏବଂ ସ୍ୱାଗତ କରୁଛୁ ବୋଲି କହିଥିଲେ । ଏପରିକି କେବଳ ଡାକ୍ତରବାଞ୍ଜିରି ନୁହେଁ ସାତମାଇଲ ଠାରେ ମଧ୍ୟ ୪୩ ଏକର ଜମି ବିକ୍ରୟ ହେବାକୁ ମସୁଧା ହେଉଛି ବୋଲି କହିଥିଲେ। ବିଧାୟକଙ୍କୁ ବିରୋଧରେ ଯେଉଁ ଟିକାଟିପ୍ପଣୀ କରିଛନ୍ତି ପୂର୍ବତନ ବିଧାୟକ ସେ ଜାଣିବା ଦରକାର ଦୀର୍ଘ ଦିନରୁ ଲାଗି ରହିଥିବା ଡାକ୍ତରବାଞ୍ଜିରି ଗ୍ରାମ ବିକ୍ରୟ ଘଟଣାରେ ନା ସେ ଗ୍ରାମକୁ ଯାଇଛନ୍ତି, ନା ସେ ସରକାରୀ ଦଳରେ ରହି ପଞ୍ଜୀକରଣ ବନ୍ଦ କରିବା ପାଇଁ ଚେଷ୍ଟା କରିଛନ୍ତି। ତଥାପି ସମୟ ଅଛି ସମସ୍ତେ ଏକ ହୋଇ ଏହି ଗ୍ରାମବାସୀଙ୍କୁ ସେମାନଙ୍କ ଅଧିକାର ପାଇଁ ଲଢେଇ କରିବା ବୋଲି ସେ କହିଥିଲେ। ଶେଷରେ ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ ବକ୍ତବ୍ୟ ରଖିଥିଲେ। କେବଳ ରାଜନୈତିକ ରଙ୍ଗ ଦେବା ଛଡା ପୂର୍ବତନ ବିଧାୟକ ଡାକ୍ତରବାଞ୍ଜିରି ଗ୍ରାମ ପାଇଁ କିଛି କରି ନ ଥିବା କହିଥିଲେ। ଶ୍ରୀ ରାଓ ସରକାରୀ ଦଳରେ ଥିବାରୁ ସେ ଚାହିଁଲେ ଏହି ଜମି ବିକ୍ରି ରୋକିପାରିଥାନ୍ତେ। କିନ୍ତୁ ଏପରି କଲେ ନାହିଁ। ବର୍ତ୍ତମାନ ମଧ୍ୟ ସମୟ ଅଛି ତାଙ୍କ ଦଳର ସରକାର ରହିଥିବାରୁ ଏହି ଗ୍ରାମ ବିକ୍ରିକୁ ଅସିଦ୍ଧ ଘୋଷଣା କରିବାରେ ସହଯୋଗ କରନ୍ତୁ। ଯେଉଁ ଦିନ ବାଇପାସ୍ ରାସ୍ତା ନିର୍ମାଣକୁ ନେଇ ସେ ବିଧାନସଭାରେ ପ୍ରଶ୍ନ କରିଥିଲେ ସେବେ ଠାରୁ ବାଇପାସ୍ ନିର୍ମାଣ ଉଭୟପାର୍ଶ୍ୱ ଜମିମାଫିଆଙ୍କ ଟାର୍ଗେଟ୍‌ରେ ଆସିଯାଇଛି। ଯାହାର ଉଦାହରଣ ହେଉଛି ଡାକ୍ତରବାଞ୍ଜିରି ଗ୍ରାମ ବିକ୍ରି ଘଟଣା। ଉକ୍ତ ଗ୍ରାମରେ ବସବାସ କରୁଥିବା ଲୋକଙ୍କୁ ପୂର୍ବରୁ ଲିଖିତ ଭାବେ ଜାଗାର ମାଲିକ ଦେଇଥିବା ବେଳେ ପରବର୍ତ୍ତୀ ସମୟରେ ହଠାତ୍ ଚଞ୍ଚକତା କରି ଗ୍ରାମକୁ ବିକ୍ରି କରିବା ପାଇଁ ଯେଉଁ ଅପଚେଷ୍ଟା ହୋଇଛି ପୂର୍ବରୁ ବିଜୁ ଜନତା ଦଳ ଗ୍ରାମବାସୀଙ୍କ ସହ ଥିଲା, ଅଛି ଓ ଭବିଷ୍ୟତରେ ରହିବ ବୋଲି କହିଥିଲେ। ଏପରିକି ନୂତନ ଜିଲ୍ଲାପାଳଙ୍କୁ ଏହି ଘଟଣା ବିଷୟରେ ବିଜୁ ଜନତା ଦଳ ଜଣାଇବା ସହ ନୂତନ ଭାବେ ଉଭା ହୋଇଥିବା ସାତମାଇଲ ସ୍ଥିତ ୪୩ ଏକର ଜମିର ବିକ୍ରୟ ମସୁଧା ବନ୍ଦ କରିବାପାଇଁ ପ୍ରଚେଷ୍ଟା କରିବ ବୋଲି କହିଥିଲେ। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ପାରଳାଖେମୁଣ୍ଡି ପୌରାଧକ୍ଷା ନିର୍ମଳା ସେଠୀ, ଗୋଷାଣି ବ୍ଲକ ଅଧକ୍ଷ ଏନ୍. ବୀରରାଜୁଙ୍କ ସମେତ ବହୁ ଦଳୀୟ କର୍ମୀଙ୍କ ସହ ପ୍ରଭାବିତ ଡାକ୍ତରବାଞ୍ଜିରି ଗ୍ରାମବାସୀ ଉପସ୍ଥିତ ଥିଲେ।

**ପୂର୍ବତନ ବିଧାୟକଙ୍କ ଅଭିଯୋଗର ଜବାବ ରଖିଲେ ବିଜେଡି ନେତା**

## ନଦୀରେ ବୁଡ଼ି କାଉଡ଼ିଆ ମୃତ

ନୂଆଗଡ଼, ୨୮।୭(ସମିସ): ନଦୀ ପାଣିରେ ବୁଡି ଯିବାରୁ ଜଣେ କାଉଡ଼ିଆଙ୍କ ମୃତ୍ୟୁ ହୋଇଛି । ରାୟଗଡ଼ା ଜିଲ୍ଲା ଗୁଣୁପୁର ଥାନା ଅନ୍ତର୍ଗତ ଭୀମପୁର ଗାଁ ନଦୀରେ ଏହି ଘଟଣା ଘଟିଛି । ମୃତ କାଉଡିଆ ଜଣକ ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ କେ. ଝାଲାରସିଂ ଗ୍ରାମର କାହ୍ନା ବେହର୍ଦଲାଇ(୧୮) । କାହ୍ନା ଗାଁ କାଉଡ଼ିଆଙ୍କ ସହ ରାୟଗଡ଼ା ଜିଲ୍ଲା ଗୁଣୁପୁର ଉପଖଣ୍ଡ ପୁଟାସିଂ ଥାନା ଅନ୍ତର୍ଗତ ଭୀମପୁର ଗାଁରେ ଥିବା ନଦୀକୁ ପାଣି ଉଠାଇବା ନିମନ୍ତେ ଯାଇଥିଲେ । କୌଣସି କାରଣରୁ ସେ ପାଣିରେ ବୁଡିଯାଇଥିଲେ । ବହୁ ଖୋଜା ଖୋଜି ପରେ ସେଇ ନଦୀରେ ମୃତଦେହ ଭାସୁଥିବା ଦେଖି ସାଥି କାଉଡ଼ିଆ ଉଦ୍ଧାର କରିଥିଲେ । ଖବର ପାଇ ଗୁଣୁପୁର ଥାନା ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା । କାହ୍ନା ପରିବାରର ଏକମାତ୍ର ପୁଅ ହୋଇଥିବାରୁ କେ.ଝାଲାରସିଂ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ସୂଚନାଯୋଗ୍ୟ ଯେ ମୃତ କାହ୍ନା ‘ସକାଳ’ ବ୍ରହ୍ମପୁର ସଂସ୍କରଣ ପ୍ରସାରଣ ବିଭାଗର କହ୍ନେଇ ମହାନ୍ତିଙ୍କ ଭଣଜା ।

## ବିଭିନ୍ନ ବିଦ୍ୟାଳୟରେ ଚାରାରୋପଣ



ଫୁଲବାଣୀ, ୨୮।୭(ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ପକ୍ଷରୁ କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଚାରାରୋପଣ କରାଯାଇଛି । ଗୁଞ୍ଜ ଅନୁଷ୍ଠାନର ଅନୁରୋଧ ଓ ଜିଲ୍ଲା ଜଙ୍ଗଲ ବିଭାଗ ଜରିଆରେ ପିଜୁଳି, ପଣସ, ଅଁଳା, ଅମୃତଭଣ୍ଡା ଓ ଜାମୁ ଇତ୍ୟାଦି ଚାରା ବିଦ୍ୟାଳୟରେ ଲଗାଇବା ପାଇଁ ଦିଆଯାଇଥିଲା । ଆଜି ବଡିମୁଣ୍ଡା, ପିକରଡି ଓ କଟିମାହା ଉଚ୍ଚ ବିଦ୍ୟାଳୟରେ ୨୦୦ରୁ ଅଧିକ ଫଳ ଚାରା ରୋପଣ କରାଯିବା ସହିତ ଏହାର ରକ୍ଷଣା ବେକ୍ଷଣ ଦାୟିତ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଅର୍ପଣ କରିବା ଉଦେଶ୍ୟରେ କିଟ୍ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ଗିରିଶଚନ୍ଦ୍ର ସାମଲ, ସ୍ୱଧର୍ମ ରାଉତ, କୁଶ ସାନସେଠ୍, ଅନଏ ଚରଣ ମଲ୍ଲିକ, ଦିପେସ ମହାକୁଡ ସହଯୋଗ କରିଥିବା ବେଳେ ପ୍ରଧାନ ଶିକ୍ଷକ ନନ୍ଦକିଶୋର ବେହେରା, ସୁନିଲ କୁମାର ମହୁନି ଓ ମଧୁସୂଦନ ବେହେରା ଏବଂ ବିଦ୍ୟାଳୟର ଇକୋ କ୍ଲବ ଶିକ୍ଷକ ଶ୍ରାବଣୀ ପଟ୍ଟନାୟକ, ଜିତେନ୍ଦ୍ର କୁମାର ମଲ୍ଲିକ ଓ ସହକାରୀ ଶିକ୍ଷକ ପ୍ରଣତୀ ସାହୁ, ରଞ୍ଜିତ୍ କହଁର, ମାନଭଞ୍ଜନ ଦିଗାଲ ଉପସ୍ଥିତ ଉପସ୍ଥିତ ଥିଲେ । ଆସନ୍ତା ମାସରେ ଟିକାବାଲୀ ବ୍ଲକର ଅନ୍ୟ ଅଞ୍ଚଳରେ ଚାରାରୋପଣ କାର୍ଯ୍ୟକ୍ରମ କରାଯିବା ନେଇ ସୂଚନା ପ୍ରଦାନ କରାଯାଇଛି ।

**● ଗଜପତି ଜିଲ୍ଲା ବିଜେପିରେ ଅନ୍ତଃକନ୍ଦଳ**

## ପୂର୍ବତନ ବିଧାୟକଙ୍କ ବିରୋଧରେ ଅଭିଯୋଗ ଆଣିଲେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ

ପାରଳାଖେମୁଣ୍ଡି, ୨୮ ।୭(ସମିସ): ଗଜପତି ଜିଲ୍ଲା ବିଜେପି ଶିବିରରେ ବର୍ତ୍ତମାନ ଅନ୍ତଃକନ୍ଦଳ ବିସ୍ଫୋରକ ରୂପ ନେବାରେ ଲାଗିଛି। ବର୍ତ୍ତମାନ ଦଳୀୟ ପଦରେ ନଥିବା ନେତାଙ୍କ ପତିଆରା ବୃଦ୍ଧି ପାଉଥିବା ବେଳେ ପତିଆରା ଥିବା ନେତା ମୁହଁ ଖୋଲୁନାହାନ୍ତି। ହେଲେ କିଛି ପୁରୁଖା ନେତା ଏନେଇ ମୁହଁ ଖୋଲିଛନ୍ତି। ରବିବାର କାଶୀନଗରରେ ହୋଇଥିବା ମିଶ୍ରଣ ପର୍ବକୁ ନେଇ ଦଳୀୟ ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସିଦ୍ଧେଶ୍ୱର ମିଶ୍ର ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପାରଳାଖେମୁଣ୍ଡିର ପୂର୍ବତନ ବିଧାୟକ ତଥା ପୂର୍ବତନ ଗଜପତି ଜିଲ୍ଲା ବିଜେପି ସଭାପତି କେ. ନାରାୟଣ ରାଓ ବିଜେପିର ଶୃଙ୍ଖଳା ଭଙ୍ଗ କରି ଏକ ଦ୍ୱନ୍ଦ୍ୱ ପରିସ୍ଥିତି ସୃଷ୍ଟି କରୁଛନ୍ତି। ବର୍ତ୍ତମାନର ବିଜେପି ଜିଲ୍ଲା ସଭାପତିଙ୍କୁ ଅଣଦେଖା କରି କିଛି ବିବାଦୀୟ କଥାବସ୍ତୁକୁ ନେଇ ଗଣମାଧ୍ୟମ ସମ୍ମୁଖକୁ ନେଉଛନ୍ତି। ଏପରିକି ଜିଲ୍ଲା ସଭାପତିଙ୍କ ଅନୁପସ୍ଥିତିରେ ଏକ ମିଶ୍ରଣ ପର୍ବ କାଶୀନଗରରେ କରିଛନ୍ତି। ଯାହା ଦଳର ଶୃଙ୍ଖଳା ଭଙ୍ଗ କରୁଛି ଏବଂ ବିଜେପି ଭଳି ଶୃଙ୍ଖଳିତ ଜାତୀୟ ଦଳର ଗାରିମାକୁ ନଷ୍ଟ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଘଟଣାକୁ ରାଜ୍ୟ ସାଂଗଠନିକ ମୁଖ୍ୟ ବିଜେପି ରାଜ୍ୟ ସଭାପତି ଗୁରୁତ୍ୱର ସହ ନେବା ପାଇଁ ଅନୁରୋଧ କରିଛନ୍ତି। ବିଭିନ୍ନ ଦଳ ବୁଲି ବୁଲି ଆସିଥିବା ନେତା ବିଜେପି ଦଳର ଶୃଙ୍ଖଳାକୁ ବୋଧହୁଏ ଅନୁପାଳନ କରିପାରୁନାହାନ୍ତି ବୋଲି ଶ୍ରୀ ମିଶ୍ର କହିଛନ୍ତି। ତେବେ ଏ ସମ୍ପର୍କରେ ପାରଳାଖେମୁଣ୍ଡି ପୂର୍ବତନ ବିଧାୟକ କେ.ନାରାୟଣ ରାଓଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

**ହାତୀ ଆତଙ୍କରୁ ମୁକ୍ତି ଦାବି**

## ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ବନ ବିଭାଗ କାର୍ଯ୍ୟାଳୟ ଘେରାଉ

ଜି.ଉଦୟଗିରି, ୨୮।୭(ସମିସ): ହାତୀ ଆକ୍ରମଣରେ ଜୀବନ ଯିବା ପରେ ବନ ବିଭାଗ କାର୍ଯ୍ୟାଳୟ ଘେରାଉ କରିଛନ୍ତି ପ୍ରଭାବିତ ଅଞ୍ଚଳବାସୀ। ଦୀର୍ଘ ମାସ ହେଲା ହାତୀ ଉପଦ୍ରବ ଲୋକଙ୍କ ରୋଜଗାର ଛଡେଇ ନେଇଥିବା ବେଳେ ଦିନକୁ ଦିନ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଥିଲା। ଯାହାକୁ ଆଜି ପରିପ୍ରକାଶ କରିଛନ୍ତି ପ୍ରଭାବିତ ଅଞ୍ଚଳବାସୀ। ବହୁ ସଂଖ୍ୟାରେ ମହିଳା, ପୁରୁଷ ମିଶି ବନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବସିରହିବା ସହିତ ଡିଏଫଓ ଆସି ଆତଙ୍କ ସୃଷ୍ଟି କରୁଥିବା ହାତୀକୁ ଟ୍ରାଙ୍କୁଲାଇଜ କରି ସ୍ଥାନାନ୍ତର, ମୃତକ ପରିବାରକୁ ନ୍ୟାୟ ପ୍ରଦାନ, ଦିନକ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନ ନେଲେ ଜି.ଉଦୟଗିରି ବନ୍ଦ ସହିତ ପୁରା ଜିଲ୍ଲା ବନ୍ଦ କରିବାକୁ ଚେତାବନୀ ଦେଇଥିଲେ ଧାରଣାରେ ବସିଥିବା ଲୋକେ।

ଶନିବାର ସନ୍ଧ୍ୟାରେ ପଦାସାହିରୁ ମୂଳ କାମ ସାରି ଘରକୁ ଫେରୁଥିବା ବେଳେ ମାଲାନସୁଗାର ସାମନ୍ତ ଦିଗାଲକୁ ଦନ୍ତା ହାତୀ ଆକ୍ରମଣ କରି ଦଳିଚକଟି, କାଟଡି ଖଣ୍ଡ ବିଖଣ୍ଡିତ କରି ଦେଇଥିଲା। ଯାହାକୁ ଦେଖି ସାଧାରଣ ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଥିବା ବେଳେ ହାତୀ ପାଗଳ ହୋଇଯାଇଛି ବୋଲି କହିଛନ୍ତି। ସୋମବାର ବିଳମ୍ବିତ ରାତିରେ ଗ୍ରୀସିଙ୍ଗିଆ ନିକଟସ୍ଥ କାକାମାହାରେ ବ୍ୟାପକ ଫସଲ ନଷ୍ଟ ଜାରିବା ସହିତ ଏକ ଗାଇକୁ ଦଳିଚକଟି ମାରିବା ଘଟଣା ଲୋକଙ୍କୁ ଅଧିକ ଭୟଭୀତ କରିଛି। ଆଜି ଦିନ ଏଗାର ଟାରୁ ରାତିରେ ସାତଟା ପର୍ଯ୍ୟନ୍ତ ଘେରାଉ ଓ ଧାରଣା ଜାରି ରହିଥିଲେ ହେଁ ଜିଲ୍ଲା ବନ ବିଭାଗର କେହି ଅଧିକାରୀ ଆସି ନଥିଲେ। ଏଥିଯୋଗୁଁ ଲୋକଙ୍କ ଧାରଣା ଜାରି ରହିଛି। ସମସ୍ୟା ସମାଧାନ ହେବା ପର୍ଯ୍ୟନ୍ତ ଅଞ୍ଚଳବାସୀ ଏଥିରେ ସାମିଲ ହେବା ପାଇଁ ସମାଜସେବୀ ଆମନ ଚନ୍ଦ୍ର ନାୟକ, ଗଗନ ପ୍ରଧାନ ଆହ୍ୱାନ ଦେଇଛନ୍ତି। ଧାରଣା ସ୍ଥଳରେ ସଡିପିଓ ବିଜୟ କୁମାର ବିଶି, ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁ, ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ତହସିଲଦାର ରଞ୍ଜନ କୁମାର ସାହୁ, ବିଜେପି ସାଧାରଣ ସମ୍ପାଦକ ମାନ ଗୋବିନ୍ଦ ପ୍ରଧାନ ପହଞ୍ଚି ଧାରଣାରତ ଲୋକଙ୍କୁ ବୁଝାଶୁଝା କରିଛନ୍ତି।



## ୩ କନେଷ୍ଟବଳ ଓ ଜଣେ ହାବିଲଦାରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଫିରିଙ୍ଗିଆ, ୨୮।୭(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନାରେ କାର୍ଯ୍ୟରତ ତିନି ଜଣ କନେଷ୍ଟବଳ ଓ ଜଣେ ହାବିଲଦାରଙ୍କୁ ଅନ୍ୟତ୍ର ବଦଳି ପରେ ଥାନା ତରଫରୁ ସେମାନଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଥାନା ଅଧିକାରୀ ଗୋପୀନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଏସଆଇ ପ୍ରମୋଦ କୁମାର ବେହେରା, ଏସଆଇ ଦୀପକ ରାଉତ, ଏଏସଆଇ କୃଷ୍ଣଚନ୍ଦ୍ର ଗୌଡ଼, ଏଏସଆଇ ଶ୍ରୀକାନ୍ତ ପାତ୍ର, ଏଏସଆଇ ପ୍ରିୟରଞ୍ଜନ ନାଏକ, ଥାନାରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ ସହ ସମସ୍ତ ଗୃହରକ୍ଷୀ ଉପସ୍ଥିତ ଥିଲେ । ଚାରିରୁ ପାଞ୍ଚ ବର୍ଷ ଧରି ଫିରିଙ୍ଗିଆ ଥାନାରେ କାର୍ଯ୍ୟରତ କନେଷ୍ଟବଳ ଧୃବାରାମ ଜେନା, ଅମ୍ବିକା ପ୍ରଧାନ, ରାକେଶ ଚନ୍ଦ୍ର ମଲିକ ଓ ହାବିଲଦାର ଉଗ୍ରେସନ ପ୍ରଧାନଙ୍କୁ ଅନ୍ୟତ୍ର ବଦଳି ହୋଇଛି ।

## ସଂଗଠନ ସୁଦୃଢ଼ ପାଇଁ ସଂକଳ୍ପ

କାଶୀନଗର, ୨୮।୭(ସମିସ): ଗଜପତି ଜିଲ୍ଲା କାଶୀନଗର ଏନ୍‌ଏସି ବିଜେପି ଟାଉନ ସଭାପତି ଭି.ଚଲପତିଙ୍କ ସଭାପତିତ୍ୱରେ ଦଳ ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ପୂର୍ବତନ ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ, ଦଳର ରାଷ୍ଟ୍ରୀୟ ପରିଷଦ ସଭ୍ୟ ନଳିନୀକାନ୍ତ ପାତ୍ର, ସାଂସଦ ପ୍ରତିନିଧି ଆର୍.ସତୀଶ, ମଣ୍ଡଳ ସଭାପତି ଅମିତାଭ ଗନ୍ତାୟତ, ବରିଷ୍ଠ ନେତା ଡି.ଚିଟ୍ଟିବାବୁ, ପି. ବାବୁ ରାଓ, ନୃସିଂହ ଚରଣ ପଟ୍ଟନାୟକ, କେ.ଜୀବନ କୁମାର ଓ ଯୁବନେତା କେ.ବିଜୟ କୁମାର ଯୋଗ ଦେଇଥିଲେ । ଏ ଅବସରରେ କିଡିଗାଆଁ ପଞ୍ଚାୟତ ସରପଞ୍ଚ ରାଉତୁ ରଜନୀଙ୍କ ସମେତ କେତେକ ୱାର୍ଡ ମେମ୍ବର ଓ ଅନ୍ୟ ଦଳର କର୍ମୀ ଦଳରେ ଯୋଗ ଦେଇଥିଲେ । ଏହା ଦ୍ୱାରା କାଶୀନଗର ଅଞ୍ଚଳରେ ବିଜେପି ସଂଗଠନ ଅଧିକ ସୁଦୃଢ଼ ହେବ ବୋଲି ମିଶ୍ରଣ ପର୍ବରେ ଯୋଗ ଦେଇଥିବା ବିଜେପି ନେତା କହିଛନ୍ତି ।

## ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଓ ପ୍ରତାରଣା ଅଭିଯୋଗ, ଯୁବକ ଗିରଫ

ଫିରିଙ୍ଗିଆ, ୨୮ ।୭ (ସମିସ): ଜଣେ ଯୁବତୀଙ୍କୁ ବିବାହର ପ୍ରତଶ୍ରୁତି ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିବା ଏବଂ ସେ ୯ ମାସର ଗର୍ଭବତୀ ହେବା ପରେ ବିବାହ କରିବାକୁ ମନା କରିବା ଜଣେ ଯୁବକକୁ ମହଙ୍ଗା ପଡ଼ିଛି । ଅସହାୟ ଯୁବତୀ ଜଣକ ଗୋଚ୍ଛାପଡ଼ା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି । ସୂଚନା ଅନୁସାରେ ଗୋଚ୍ଛାପଡ଼ା ଥାନା ବାଲନ୍ଦାପଡ଼ା ଗାଁର ଅଭିମନ୍ୟୁ



ନାୟକ (୩୦) ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ । ୬ ବର୍ଷରୁ ଅଧିକ ହେବ ଭୁବନେଶ୍ୱରସ୍ଥିତ ଏକ ଘରୋଇ କମ୍ପାନୀରେ ଉଭୟ ଯୁବକ, ଯୁବତୀ କାମ କରୁଥିଲେ । ଏହି ସମୟ ଭିତରେ ଅଭିମନ୍ୟୁ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ । ଯୁବତୀ ଜଣକ ମନା କରିଥିଲେ ମଧ୍ୟ ବିଭିନ୍ନ ପ୍ରଲୋଭନ ଦେଖାଇ ବିବାହ କରିବେ କହି ବିଭିନ୍ନ ସମୟରେ ସମ୍ପର୍କ ରଖିଥିଲେ । ବର୍ତ୍ତମାନ ଯୁବତୀ ଜଣକ ୯ ମାସର ଗର୍ଭବତୀ ଥିବା ବେଳେ ଅଭିମନ୍ୟୁ ତାଙ୍କୁ ଭୁଲାଇ ବିଭିନ୍ନ ବାହାନା କରି ବିବାହ କରିବାକୁ ମନା କରି ଦେଇଥିଲେ । ଅସହାୟ ଯୁବତୀ ଜଣକ ବାଧ୍ୟ ହୋଇ ଗୋଚ୍ଛାପଡ଼ା ଥାନାର ଦ୍ୱାରସ୍ଥ ହେବା ସହ ଗତ ଜୁଲାଇ ୨୧ ତାରିଖରେ ଲିଖିତ ଅଭିଯୋଗ କରିଥିଲେ । ଏହି ଘଟଣାରେ ଗୋଚ୍ଛାପଡ଼ା ପୁଲିସ ଅଭିମନ୍ୟୁକୁ ନିଜ ଘର ବାଲନ୍ଦା ପଡ଼ାରୁ ଉଠାଇ ଆଣି ଥାନାରେ ଏକ ମାମଲା ରୁଜୁ କରିବା ସହ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଚିରଞ୍ଜିବି ବେହେରା ସୂଚନା ଦେଇଛନ୍ତି ।

**● ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**

## ପୂର୍ବତନ ସରପଞ୍ଚଙ୍କ ଅନଶନ

ପାରଳାଖେମୁଣ୍ଡି, ୨୮ ।୭(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରଧାନଶିକ୍ଷକଙ୍କ ବିରୋଧରେ ଅନଶନ ଆରମ୍ଭ ହୋଇଛି। ରାୟଗଡ଼ରେ ଥିବା ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ବିରୋଧରେ ୫ ଦଫା ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦାବିରେ ରାୟଗଡ଼ ପଞ୍ଚାୟତର ପୂର୍ବତନ ସରପଞ୍ଚ ଦିପ୍ତିପ୍ରଭାଲାଲ୍ ଶବର ୭ ଦିନିଆ ରିଲେ ଅନଶନ ଆରମ୍ଭ କରିଛନ୍ତି। ଦାବିଗୁଡ଼ିକ ମଧ୍ୟରେ ଷଷ୍ଠ ଶ୍ରେଣୀ ପ୍ରବେଶିକା ପରୀକ୍ଷା ନିମନ୍ତେ ୨୦୨୫/୨୦୨୬ ଶିକ୍ଷା ବର୍ଷରେ ପ୍ରଧାନଶିକ୍ଷକ କରିଥିବା ଅନିୟମିତତା, ଚଞ୍ଚକତା ଓ ମନମୁଖୀ କାର୍ଯ୍ୟର ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ, ୨୦୨୨ ମସିହାରେ ଦଳିତ, ନିରୀହ, ଆଦିବାସୀ ଅନାଥ ପିଲା କୃଷ୍ଣଚନ୍ଦ୍ର ଗମାଙ୍ଗ ଓ ଅନ୍ୟ ଦୁଇ ଜଣ ସଞ୍ଜୟ ଦଳବେହେରା, ଦୟାନିଧି ବଡ଼ମୁଣ୍ଡିଙ୍କୁ ବିଦ୍ୟାଳୟରୁ ବେନିୟମ ଭାବେ ତଡ଼ି ଦେଇଥିବା, ୨୦୨୧ରୁ ଆଜି ପର୍ଯ୍ୟନ୍ତ ଆଇଟିଡ଼ିଏ ତରଫରୁ କେତେ ଟଙ୍କା ବିଦ୍ୟାଳୟର ବିକାଶ ପାଇଁ ବିନିଯୋଗ ହୋଇଛି ତାହାର ତଦନ୍ତ କରିବା, ବିଦ୍ୟାଳୟର ପ୍ରାଙ୍ଗଣରେ କାହା ନିର୍ଦ୍ଦେଶରରେ ପ୍ରଧାନଶିକ୍ଷକ କପାଚାଷ କରିଛନ୍ତି ତାହାର ତଦନ୍ତ କରାଯିବାକୁ ଶ୍ରୀ ଶବର ଦାବି କରିଛନ୍ତି।




## ନୂତନ ଜିଲ୍ଲାପାଳଙ୍କ ଦାୟିତ୍ୱ ଗ୍ରହଣ

ଫୁଲବାଣୀ, ୨୮ ।୭ (ସମିସ): କନ୍ଧମାଳ ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବରେ ବେଦ ଭୂଷଣ ଆଜି ପୂର୍ବାହ୍ନରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ, ବିଭିନ୍ନ



ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମକର୍ତ୍ତା ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇବା ସହିତ ନିଜ ନିଜ ବିଭାଗରେ ଚାଲିଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇବା ସହିତ ଆଲୋଚନା କରିଥିଲେ। ଅପରାହ୍ନରେ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅଧୀନରେ ଥିବା ପୋଲାବୁରୁଡି ପଞ୍ଚାୟତର ଅଟାଶାମ୍ବୁ ଗ୍ରାମରେ ଥିବା ଆଇଟିଡିଏର ଡ୍ରାଗନ୍ ଫଳ ବଗିଚାକୁ ଯାଇଥିଲେ। ଫୁଲବାଣୀ ଡିଆରଟି ଆଇନ ସେବା କର୍ତ୍ତୃପକ୍ଷଙ୍କ ଦ୍ୱାରା ଆୟୋଜିତ ପୋଷ ଏବଂ ଏସ୍‌ସି ଏସ୍‌ଟି ଅତ୍ୟାଚାର ଆଇନ ଉପରେ ସଚେତନତା ଶିବିରରେ ଯୋଗ ଦେଇଥିଲେ। କନ୍ଧମାଳର ଡିଏଚ୍‌ଏଚ୍‌କୁ ଯାଇ ଡାକ୍ତର, ପାରାମେଡିକାଲ୍ କର୍ମଚାରୀ ଏବଂ ରୋଗୀଙ୍କ ସହିତ କଥାବାର୍ତ୍ତା କରିଥିଲେ ଏବଂ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ, ଫୁଲବାଣୀ ପରିଦର୍ଶନ କରିଥିଲେ ନୂତନ ଜିଲ୍ଲାପାଳ।

**● ନୂତନ ଜିଲ୍ଲାପାଳଙ୍କ ଫିରିଙ୍ଗିଆ ବ୍ଲକ୍ ଗସ୍ତ**

## ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା

ଫିରିଙ୍ଗିଆ, ୨୮।୭(ସମିସ): ସୋମବାର କନ୍ଧମାଳ ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବରେ କାର୍ଯ୍ୟରେ ଯୋଗ ଦେଇଛନ୍ତି ବେଦଭୂଷଣ। କାର୍ଯ୍ୟରେ ଯୋଗଦେବାର କିଛି ସମୟ ପରେ ସେ ଫିରିଙ୍ଗିଆ ବ୍ଲକକୁ ପ୍ରଥମେ ଗସ୍ତ କରିଥିଲେ। ଏହା ସରପ୍ରାଇଜ ଭିଜିଟ୍ ଥିବାବେଳେ ନୂତନ ଜିଲ୍ଲାପାଳ ପ୍ରଥମେ ଫିରିଙ୍ଗିଆ ବ୍ଲକଗସ୍ତରେ ଆସି ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ପ୍ରଥମେ ଜିଲ୍ଲାପାଳ ଫିରିଙ୍ଗିଆ ବ୍ଲକ ପଳାବୃଡି ପଞ୍ଚାୟତରେ ଚେକ ଡ୍ୟାମ ବୁଲି ଦେଖିଥିଲେ। ପରେ ଆଟାଶ୍ରାମ୍ବୁ ଗାଁରେ ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା କରାଯାଇଥିବା ଡ୍ରାଗନ ଫ୍ରୁଟ ଚାଷ, କାଶିନୀପଦରରେ ନୂତନ ଭାବରେ ନିର୍ମାଣ କରାଯାଇଥିବା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ବୁଲି ଦେଖିଥିଲେ। ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ଉପଜିଲ୍ଲାପାଳ ଭିକାରୀ ସାହୁ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦି, ଆଦିବାସୀ ଉନ୍ନୟନ ବିଭାଗ ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ରବିନାରାୟଣ ମିଶ୍ର, ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା, ସହକାରୀ ଯନ୍ତ୍ରୀ ଜୟପ୍ରକାଶ ଜେନା, ଏପିଓ ସୁମନ୍ତ ଉଠାଣ ସିଂ, ପଳାବୃଡି ସରପଞ୍ଚ ଲୀଳାବତୀ ମଳିକ, ଜୀବିକା ମିଶନ କାର୍ଯ୍ୟକ୍ରମ ମ୍ୟାନେଜର ସଂଗ୍ରାମ କେଶରୀ ସାହୁ ଓ ଫିରିଙ୍ଗିଆ ବ୍ଲକ ଦାୟିତ୍ୱରେ ଥିବା ଆଇଟିଡିଏର କନିଷ୍ଠ ଯନ୍ତ୍ରୀ ଛୋଟରାଏ ମାଝୀ ଉପସ୍ଥିତ ଥିଲେ।



**ଓଲଟିଲା କାଉଡ଼ିଆଙ୍କ ଗାଡ଼ି**

## ୬ ଆହତଙ୍କ ମଧ୍ୟରୁ ୨ ଗୁରୁତର

ପାରଳାଖେମୁଣ୍ଡି/ଗୋଷାଣି, ୨୮ ।୭ (ସମିସ)

ଗଜପତି ଜିଲ୍ଲା ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରିରେ ଦୁର୍ଘଟଣା। ଗାରାବନ୍ଧ ଥାନା ଅନ୍ତର୍ଗତ ମହେନ୍ଦ୍ରଗିରିକୁ ଗଞ୍ଜାମ ଜିଲ୍ଲା ଛତ୍ରପୁରରୁ ଏକ ମ୍ୟାକ୍ସ ପିକ୍‌ଅପ୍‌ରେ ୨୦ ଜଣ କାଉଡ଼ିଆ ମହେନ୍ଦ୍ରଗିରି ଶିଖରରେ ଜଳାଭିଷେକ କରି ଫେରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସେମାନେ ଆସୁଥିବା ମ୍ୟାକ୍ସ ପିକ୍‌ଅପଟି ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ୬ ଜଣ କାଉଡିଆ ଆହତ ହୋଇଥିଲେ। ଗାରାବନ୍ଧ ପୁଲିସ ସେମାନଙ୍କୁ ଉଦ୍ଧାର କରିଥିଲା। ଆହତଙ୍କୁ ତୁରନ୍ତ ଚିକିତ୍ସା ପାଇଁ ପ୍ରଥମେ କଇଁପୁର ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରେ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ନ ହେବାରୁ ୬ ଜଣଙ୍କୁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ୬ ଜଣଙ୍କ ମଧ୍ୟରୁ ଦୁଇ ଜଣ ଶୁଭମ ଆଚାର୍ଯ୍ୟ ଓ ଡି. ନାରାୟଣଙ୍କ ଅବସ୍ଥା ଅତି ଗୁରୁତର ଥିବାରୁ ବ୍ରହ୍ମପୁର ସ୍ଥିତ ଏମକେସିଜି ଚିକିତ୍ସାକୁ ନିଆଯାଇଛି। ସୂଚନା ଅନୁସାରେ ସୋମବାର ସକାଳେ ମହେନ୍ଦ୍ରଗିରି ଶିଖରରେ ଥିବା ଗୋକର୍ଣ୍ଣେଶ୍ୱର ଶୈବପୀଠରେ ଜଳାଭିଷେକ କରି ଫେରୁଥିବା ବେଳେ ବୁରୁଖତ ପାସ୍ ଠାରୁ ୨୦୦ ମିଟର ପୂର୍ବରେ ଥିବା ଏକ ବୁଲାଣିଆ ଘାଟିରାସ୍ତାରେ ଦୁର୍ଘଟଣା ଘଟିଥିବା ଗାରାବନ୍ଧ ଥାନା ଅଧିକାରୀ ପ୍ରଶାନ୍ତ ନିସିକା ସୂଚନା ଦେଇଛନ୍ତି। ଏହି ଘାଟିରେ ଯାନବାହାନ ଚଳାଚଳ ପାଇଁ କଟକଣା ଥିବା ସତ୍ତ୍ୱେ ଗଳାବାଟ ଦେଇ ବିଭିନ୍ନ ସମୟରେ ଯାତ୍ରୀ, ପର୍ଯ୍ୟଟକ, ଭକ୍ତ ଓ ଶ୍ରଦ୍ଧାଳୁ ଯାନବାହାନ ନେଇ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଗୁରୁତ୍ୱର ସହ ନେଇ ଜିଲ୍ଲା ପ୍ରଶାସନ ନିୟମ କଡାକଡି କରାଯିବା ସପକ୍ଷରେ ମତ ପ୍ରକାଶ ପାଉଛି।



## ତାରାତାରିଣୀଙ୍କ ଆଶିର୍ବାଦ ନେଲେ ଜିଲ୍ଲାପାଳ



ପୁରୁଷୋତ୍ତମପୁର,୨୮ ।୭(ସମିସ): ଗଞ୍ଜାମ ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ସୋମବାର କାର୍ଯ୍ୟରେ ଯୋଗଦେଇଛନ୍ତି ଭି.କୀର୍ତ୍ତି ଭାସନ। ତେବେ କାର୍ଯ୍ୟରେ ଯୋଗ ଦେବା ପୂର୍ବରୁ ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମାଁ ତାରାତାରିଣୀଙ୍କ ପୀଠକୁ ଯାଇ ମାଁଙ୍କୁ ଦର୍ଶନ କରିଛନ୍ତି। ସେ କହିଛନ୍ତି ଗଞ୍ଜାମ ଜିଲ୍ଲାର ଉନ୍ନତିକରଣ ପାଇଁ ଲୋକଙ୍କୁ ନେଇ କାମ କରିବି। ଜନସାଧାରଣଙ୍କ ଯେଉଁ ସବୁ ଅଭିଯୋଗ ତଥା ସମସ୍ୟା ରହିଛି ତାହାକୁ ପ୍ରାଥମିକତା ଭିତ୍ତିରେ ସମାଧାନ କରିବା ନିମନ୍ତେ ପଦକ୍ଷେପ ନିଆଯିବ। ଜିଲ୍ଲାର ସମସ୍ତ ଜନପ୍ରତିନିଧି ମାନଙ୍କ ମତାମତକୁ ନେଇ ଜିଲ୍ଲାର ବିକାଶ ଦିଗରେ କାମ କରିବି। ଜିଲ୍ଲାରେ ଅନେକ ପ୍ରକଳ୍ପ ଚାଲିଥିବା ବେଳେ ତାହା କିଭଳି ସଠିକ ସମୟରେ ଶେଷ ହେବ ସେ ନେଇ ପଦକ୍ଷେପ ନିଆଯିବ। ସମସ୍ତ ବିଭାଗର ଅଧିକାରୀଙ୍କୁ ନେଇ ବୈଠକ କରାଯିବ । ସେହିପରି ତାରାତାରିଣୀଙ୍କ ପୀଠରେ ଅନେକ କାମ ଚାଲିଥିବା ବେଳେ ତାହାକୁ ବୁଲି ଦେଖିଛି ସମସ୍ତ କାର୍ଯ୍ୟ ଖୁବଶୀଘ୍ର ଶେଷ ହେବା ସହ ଭକ୍ତଙ୍କ ପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯିବ। ଜିଲ୍ଲାପାଳଙ୍କ ସହ ଛତ୍ରପୁର ଉପଜିଲାପାଳ ଡଃ ଶିବାଶିଷ ବରାଳ, ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରା, ବିଡିଓ ଶରତ କୁମାର ପାତ୍ରଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ। ଏହାପୂର୍ବରୁ ସେ କୋରାପୁଟ ଜିଲ୍ଲାପାଳ ଥିଲେ।

## କର୍କଟ ରୋଗୀଙ୍କୁ ସମିତିସଭ୍ୟଙ୍କ ସହାୟତା



ହୁମ୍ମା,୨୮ ।୭(ସମିସ): ଶ୍ରମିକ ଭାବେ କାମ କରି ଯାହା ରୋଜଗାର କରୁଥିଲେ ସେତିକିରେ ପରିବାର ଦୁଃଖେ କଷ୍ଟେ ଚଳୁଥିଲା। ହେଲେ ଏବେ ସେ କର୍କଟ ରୋଗରେ ପୀଡ଼ିତ। ପରିବାରର ଏକମାତ୍ର ରୋଜଗାରିଆ ପୁଅ ହୋଇଥିବାରୁ ଶଯ୍ୟାଶାୟୀ ହେବା ପରେ ପରିବାର ଲୋକେ ଚିନ୍ତାରେ ପଡ଼ିଛନ୍ତି। ହୁମ୍ମା ଅଞ୍ଚଳରେ ଏଭଳି ଘଟଣା ଦେଖିବାକୁ ମିଳିଛି। ହୁମ୍ମା ନୂଆସାହିର ଗଣେଶ ପରିଡ଼ା(୨୫) କର୍କଟ ରୋଗରେ ଆକ୍ରାନ୍ତ। ସେ ଭୁବନେଶ୍ୱର ସମ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। କିନ୍ତୁ ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ଡାକ୍ତର କହୁଛନ୍ତି ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବ। ଏଭଳି ପରିସ୍ଥିତିରେ ହୁମ୍ମା ପଞ୍ଚାୟତର ସମିତିସଭ୍ୟ ଧ୍ରୁବ ଚରଣ ପଲେଇ ସୋମବାର ୧୦ ହଜାର ଟଙ୍କା ଆର୍ଥିକ ସହାୟତା କରିଛନ୍ତି। ହୁମ୍ମା ସମିତିସଭ୍ୟ ଶ୍ରୀ ପଲେଇଙ୍କ ନେତୃତ୍ୱରେ ସ୍ଥାନୀୟ ଯୁବକମାନେ ଅର୍ଥ ସଂଗ୍ରହ କରି ଗଣେଶଙ୍କ ପରିବାରଙ୍କୁ ଚିକିତ୍ସା ପାଇଁ ଅର୍ଥ ଯୋଗାଡ଼ରେ ଲାଗି ପଡ଼ିଛନ୍ତି। ତାଙ୍କର ଏଭଳି ମହାନତା କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି। ଗଣେଷଙ୍କ ୩ ବର୍ଷ ଶିଶୁ ସହ ସ୍ତ୍ରୀ ଓ ପରିବାର ରହିଛନ୍ତି। ରାସନ କାର୍ଡରେ ଯେଉଁ ଚାଉଳ ଗଣ୍ଡିକ ମିଳୁଛି ସେତିକିରେ ପରିବାର ଲୋକେ ଖାଇ ପିଇ ଦୁଃଖେ କଷ୍ଟେ ରହୁଛନ୍ତି। ଅପରପକ୍ଷେ ପୂର୍ବରୁ ଥିବା ବିଏକେୱାଇ କାର୍ଡ ଏବେ କାମ ଦେଉନଥିବାରୁ ଚିକିତ୍ସାରେ ଏହା ଆଉ ଏକ ବାଧକ ସାଜିଛି। ତେଣୁ ତାଙ୍କ ଚିକିତ୍ସା ଲାଗି ପ୍ରଶାସନ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଶିକ୍ଷକ ସଂଘ ପକ୍ଷରୁ ୟୁଏସ୍‌କୁ ବିରୋଧ



ଗଞ୍ଜାମ/ହୁମ୍ମା,୨୮ ।୭(ସମିସ): ଗଞ୍ଜାମ ବ୍ଲକ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପିଷ୍ଟା ପକ୍ଷରୁ ୟୁନିଫଏଡ ଅଟୋମେସନ୍ ସିଷ୍ଟମ ବର୍ତ୍ତମାନ ପରିସ୍ଥିତିରେ ଲାଗୁ ନ କରିବା ପାଇଁ ସଂଘର ସଭାପତି ଗଜେନ୍ଦ୍ର ମାଝୀଙ୍କ ନେତୃତ୍ୱରେ ଗଞ୍ଜାମ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଗଞ୍ଜାମ ବ୍ଲକ ଏବିଇଓ ସଂଯୁକ୍ତା ବେହେରା ଓ ଏବିଇଓ ବିନୀତା କୁମାରୀ ମିଶ୍ର ଦାବିପତ୍ର ଗ୍ରହଣ କରିଥିଲେ। ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତିଙ୍କ ନେତୃତ୍ୱରେ ସମ୍ପାଦକ ଲକ୍ଷ୍ମଣ ନାହାକ, କୃଷଚନ୍ଦ୍ର ବେହେରା, ସୁକାନ୍ତ ନାୟକ, ଜୟକୃଷ୍ଣ ତ୍ରିପାଠୀ ଏବଂ ଏ ୟୁପିଟିଏଫ୍ ସଂଘର ସଭାପତି ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପ୍ରକାଶ ଥାଉକି ସରକାର ୟୁଏସ ଜରିଆରେ ଛାତ୍ରଛାତ୍ରୀ ଓ ଶିକ୍ଷକ ମାନଙ୍କୁ ଦୈନିକ ଉପସ୍ଥାନ ନେବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି ତାହାକୁ ବିରୋଧ କରାଯାଇ ନାହିଁ।। କିନ୍ତୁ, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଦାବି ଜଣାଇଛି ଯେ ୟୁଏସ ପାଇଁ ବର୍ତ୍ତମାନ ପରିସ୍ଥିତିରେ ସମସ୍ତ ବିଦ୍ୟାଳୟରେ ଆବଶ୍ୟକ ଭିତ୍ତିଭୂମି ନାହିଁ। ଏବେ ବି ଉପାନ୍ତ ଅଞ୍ଚଳରେ ଇଣ୍ଟରନେଟ ସୁବିଧା ପହଞ୍ଚିପାରି ନାହିଁ। ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ମାନଙ୍କୁ ଶତ ପ୍ରତିଶତ ମୋବାଇଲ ଯୋଗାଇ ଦିଆଯାଇ ନାହିଁ। ଯାହା ଦିଆ ଯାଇଛି ସେଥିରେ ସିମ ଏବଂ ଇଣ୍ଟରନେଟ ବ୍ୟବସ୍ଥା ନାହିଁ। ଶିଶୁ ବାଟିକା ଶ୍ରେଣୀ ଖୋଲାଗଲା କିନ୍ତୁ ଶିକ୍ଷକ ନିଯୁକ୍ତି କି ଶ୍ରେଣୀ ଗୃହ ନାହିଁ। ଜିଲ୍ଲାରେ ଶିକ୍ଷକ ପ୍ରମୋସନ ତ୍ୱରାନ୍ୱିତ ହେଉ ନାହିଁ। ଏହି ଦାବିପତ୍ର ଦେବା ସମୟରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ଶତାଧିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ।

# ଜୋର୍ ଧରିଲା ଲାଞ୍ଜିପଲ୍ଲୀ ବାଇପାସ୍ ଛକରେ ଓଭରବ୍ରିଜ୍ ନିର୍ମାଣ ଦାବି

ବ୍ରହ୍ମପୁର,୨୮ ।୭(ସମିସ)




## ଧାରଣାକୁ ଅଞ୍ଚଳବାସୀ ଓ ବହୁ ସଂଗଠନର ସମର୍ଥନ

ପୁଣି ଜୋର ଧରିଲା ବ୍ରହ୍ମପୁର ଲାଞ୍ଜିପଲ୍ଲୀ ବାଇପାସ୍ ଛକରେ ଓଭରବ୍ରିଜ ନିର୍ମାଣ ଦାବି। ସୋମବାର ଗଞ୍ଜାମ ଓକିଲ ସଂଘର ସଭାପତି ମନୋଜ ପଟ୍ଟନାୟକଙ୍କ ପୂର୍ବ ନିଷ୍ପତ୍ତି ପ୍ରକାରେ ସୋମବାର ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଘଣ୍ଟାଏ ପାଇଁ ପ୍ରତିକାତ୍ମକ ଧାରଣା ଦେଇଥିଲେ। ଯାହାକୁ ସମର୍ଥନ ଜଣାଇ ବିଭିନ୍ନ ସଙ୍ଗଠନର ସଦସ୍ୟ ଓ ବହୁ ସହରବାସୀ ଧାରଣାରେ ସାମିଲ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଲାଞ୍ଜିପଲ୍ଲୀ ବାଇପାସ ଛକରେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁ ଅନେକଙ୍କ ଅକାଳରେ ଜୀବନ ଯାଉଛି। ଏଠାରେ ଓଭରବ୍ରିଜ ନିର୍ମାଣ ନେଇ ଦୀର୍ଘବର୍ଷ ଧରି ଦାବି ହେଉଥିବା ବେଳେ ନେତା ଓ ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ସରକାରୀ ଅଧିକାରୀମାନେ ଓଭରବ୍ରିଜ ନିର୍ମାଣ ନେଇ କେବଳ ପ୍ରତିଶୃତି ଦେଉଛନ୍ତି କିନ୍ତୁ ତାହାକୁ ପାଳନ କରୁନାହାନ୍ତି ବୋଲି ଆନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି। ଭୋରରୁ ଆରମ୍ଭ କରି ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ଛକ ଦେଇ ହଜାର ହଜାର ସଂଖ୍ୟାରେ ଯାନବାହାନ ଯାତାୟତ କରିଥାଏ। ଗୋଟିଏ ରାସ୍ତା ସହର ମଧ୍ୟକୁ ଏବଂ ଅନ୍ୟପଟେ ଜାତୀୟ ରାଜପଥରେ ମଧ୍ୟ ବହୁ ସଂଖ୍ୟାରେ ଭାରିଯାନ ଯାତାୟତ କରିଥାଏ। ଯାହାଫଳରେ ପ୍ରତିଦିନ ଛୋଟବଡ଼ ବହୁ ଦୁର୍ଘଟଣା ଘଟିଥାଏ। ବାରମ୍ବାର ଦୁର୍ଘଟଣାକୁ ନେଇ ଦୀର୍ଘ ବର୍ଷ ଧରି ଲାଞ୍ଜିପଲ୍ଲୀ ବାଇପାସ୍ ଛକରେ ଏକ ଓଭରବ୍ରିଜ ନିର୍ମାଣ ନେଇ ଦାବି ହୋଇଆସୁଛି। କିନ୍ତୁ କେହି ମଧ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଲାଞ୍ଜିପଲ୍ଲୀ ବାଇପାସରେ ଦୁର୍ଘଟଣାରେ ଗୋଟିଏ ପରେ ଗୋଟିଏ ମୁଣ୍ଡ ଗଡ଼ୁଥିବା ବେଳେ ଏହାର ପ୍ରତିକାର ପାଇଁ ଜରୁରୀ ଓଭରବ୍ରିଜ କିନ୍ତୁ ନିର୍ମାଣ ହୋଇପାରୁ ନାହିଁ। ଦୁର୍ଘଟଣା ହେଲେ ଘଟଣାସ୍ଥଳରେ ନେତା,ମନ୍ତ୍ରୀ ଓ ସରକାରୀ ଅଧିକାରୀ ପହଞ୍ଚି କେବଳ ଆଶ୍ୱାସନା ଦେବା ସହିତ ଓଭରବ୍ରିଜ ନିର୍ମାଣ ପାଇଁ ମାଳମାଳ ପ୍ରତିଶୃତି ଦେଉଛନ୍ତି। ଏଭଳି ପରିସ୍ଥିତିରେ ଗଞ୍ଜାମ ଓକିଲ ସଂଘର ସଭାପତି ମନୋଜ ପଟ୍ଟନାୟକ ସୋମବାର ଠାରୁ ଧାରଣା ଦେବାକୁ ଘୋଷଣା କରିଥିଲେ। ଏବଂ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ପ୍ରକାରେ ସେ ଜାତୀୟ ରାଜପଥ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଏଭଳି ଏକ ଜରୁରୀ ତଥା ଦିର୍ଘଦିନର ଦାବିର ଯଥାର୍ଥତା ଥିବା ଦର୍ଶାଇ ସହରର ବହୁ ସଙ୍ଗଠନ ଓ ସହରବାସୀ ଆନ୍ଦୋଳନକୁ ସମର୍ଥନ ଜଣାଇ ଧାରଣାରେ ସ୍ୱତଃପ୍ରବୃତ ଭାବେ ସାମିଲ ହୋଇଥିଲେ। ଗତବର୍ଷ ମନୋଜ ପଟ୍ଟନାୟକ ଓଭରବ୍ରିଜ ନିର୍ମାଣ ନେଇ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ଅବଗତ କରାଇଥିବା ବେଳେ ଚଳିତ ମାସ ୫ତାରିଖରେ ଜାତୀୟ ରାଜପଥ ବିଭାଗକୁ ମଧ୍ୟ ଚିଠି ଲେଖି ଅବଗତ କରିଥିଲେ। କିନ୍ତୁ ଓଭରବ୍ରିଜ ନିର୍ମାଣ ନେଇ କୌଣସି ଉତ୍ତର ନମିଳିବାରୁ ବାଧ ହୋଇ ସେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଆସନ୍ତା ୧୫ଦିନ ମଧ୍ୟରେ ଓଭରବ୍ରିଜ ନିର୍ମାଣ ନେଇ କୌଣସି ସ୍ପଷ୍ଟ ପଦକ୍ଷେପ ନିଆନଗଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ ଓ ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି। ସେପଟେ ଗତ ଫେବୃୟାରୀରେ ଆଇଆଇଟି ମାଡ୍ରାସର ପ୍ରଫେସର ଭେଙ୍କଟେସ ବାଲସୁବ୍ରମଣ୍ୟମଙ୍କ ନେତୃତ୍ୱରେ ଏକ ଟିମ୍ ବ୍ରହ୍ମପୁର ଗସ୍ତରେ ଆସିଥିଲେ।

ଏହି ଟିମ୍ ସହର ଓ ସହର ସଂଲଗ୍ନ ଜାତୀୟ ରାଜପଥରେ କାହିଁକି ଦୁର୍ଘଟଣାର ମାତ୍ରା ବଢୁଛି ସେନେଇ ବ୍ରହ୍ମପୁର ଏସପି ଡ଼ା. ସର୍ବଣା ବିବେକ ଏମ୍‌ଙ୍କ ସହ ଆଲୋଚନା କରିଥିଲେ। ବ୍ରହ୍ମପୁରକୁ ଲାଗି ରହିଥିବା ମୋଟ ୧୦ଟି ସ୍ଥାନକୁ ବ୍ଲାକସ୍ପଟ୍ ଭାବେ ଘୋଷଣା କରିବା ସହିତ ଓଭରବ୍ରିଜ ନିର୍ମାଣ ଓ ସର୍ଭିସ୍ ରୋଡ୍‌କୁ ଦୁଇ ଲାଇନ ବିଶିଷ୍ଟ କରିବା ନିମନ୍ତେ ବ୍ରହ୍ମପୁର ଏସପି ଓ ସରକାରଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ ଲାଞ୍ଜିପଲ୍ଲୀ ବାଇପାସରେ ପୁଲିସ ପକ୍ଷରୁ ଯାତ୍ରୀଙ୍କ ସୁରକ୍ଷା ପାଇଁ ଅଧିକ କର୍ମଚାରୀ ନିୟୋଜିତ କରାଯାଇଛି। ସେହିଭଳି ସୁରକ୍ଷିତ ଯାତାୟତ ପାଇଁ ବାଇପାସ୍ ଛକରେ ସୂଚନା ଫଳକ ତଥା ବ୍ୟାରିକେଡର ବ୍ୟବସ୍ଥା ମଧ କରାଯାଇଛି। ସୂଚନା ଫଳକ ତଥା ବ୍ୟାରିକେଡ ଲଗାଯିବା ଓ କର୍ମଚାରୀଙ୍କୁ ନିୟୋଜିତ ପରେ ଦୁର୍ଘଟଣା ସଂଖ୍ୟା ଅନେକାଂଶରେ ହ୍ରାସ ପାଇଥିବା ଦେଖିବାକୁ ମିଳିଛି। ସେଠାରେ ଓଭରବ୍ରିଜ ନିର୍ମାଣ ନେଇ ସରକାର ଯୋଜନା କରୁଛନ୍ତି। ଓଭରବ୍ରିଜ ହେଲେ ହିଁ ଦୁର୍ଘଟଣାକୁ ସମ୍ପୂର୍ଣ୍ଣ ରୂପେ ରୋକାଯାଇପାରିବ କିନ୍ତୁ ଓଭରବ୍ରିଜ ନହେବା ପର୍ଯ୍ୟନ୍ତ ଲୋକେ ସତର୍କତାର ସହ ଯାତାୟତ କରିବାକୁ ପଡ଼ିବ ବୋଲି ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ ମତ ବ୍ୟକ୍ତ କରିଛନ୍ତି। ଧାରଣାରେ ଆଇନଜୀବୀ ଅବନୀ ଗୟା, ପ୍ରଣବ ପଣ୍ଡା, ତାରାଚାନ୍ଦ ପାତ୍ର, ନଦିଆଚାନ୍ଦ ବିଶ୍ୱାଳ, କେ. ଗୌତମ ଦାସ, ପିଣ୍ଟୁ କୁମାର ପାତ୍ର, ରାଜେଶ ପଟ୍ଟନାୟକ, ସମାଜସେବୀ ସୁଜିତ କୁମାର ତ୍ରିପାଠୀ ଓ ଦଣ୍ଡପାଣି ରେଡ୍ଡୀ ପ୍ରମୁଖ ସକ୍ରୀୟ ସାମିଲ ହୋଇଥିଲେ।

## ଅଗ୍ନି ବିପନ୍ନଙ୍କୁ ପୁଲିସର ସହାୟତା

ଖଲ୍ଲିକୋଟ,୨୮ ।୭(ସମିସ): ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଶ୍ରୀକୃଷ୍ଣ ଶରଣପୁର ପଞ୍ଚାୟତର ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମରେ ରବିବାର ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ଗ୍ରାମର ଏମ. ତାରେଶ୍ୱର ପାତ୍ର, ବି. ଡାକ ପାତ୍ର ଓ କେ. ପୂର୍ଣ୍ଣ ପାତ୍ରଙ୍କ ୬ ବଖରା ଘର ଜଳି ପୋଡି ଛାରଖାର ହୋଇଯାଇଥିଲା। ପ୍ରବଳ ନିଆଁରେ ଘର ଭିତରେ ଥିବା ଧାନ, ଚାଉଳ, ଟଙ୍କା, ସ୍ୱର୍ଣ୍ଣ ଅଳଙ୍କାର, ଲୁଗାପଟା ସମେତ ସମସ୍ତ ଆସବାବ ପତ୍ର ପୋଡି ଭସ୍ମିଭୂତ ହୋଇଯାଇଥିଲା। ଅଗ୍ନିକାଣ୍ଡ ପରେ ତୁରନ୍ତ ଖଲ୍ଲିକୋଟ ଅତିରିକ୍ତ ତହସିଲଦାର ଅଜୟ କୁମାର ସ୍ୱାଇଁ ପହଞ୍ଚି କ୍ଷୟକ୍ଷତି ଆକଳନ କରି ଫେରିଥିଲେ। ହେଲେ ଏ ପର୍ଯ୍ୟନ୍ତ ବିପନ୍ନଙ୍କ ନିକଟରେ କୌଣସି ସରକାରୀ ସାହାଯତା ପହଞ୍ଚି ପାରି ନାହିଁ। ନିଆଁର ଆଁରେ ସର୍ବସ୍ୱ ହରାଇଥିବା ୩ ଅଗ୍ନି ବିପନ୍ନ ପରିବାର ବର୍ତ୍ତମାନ ଗ୍ରାମର ଅଙ୍ଗନବାଡି କେନ୍ଦ୍ରରେ ଆଶ୍ରୟ ନେଇଛନ୍ତି। ସୋମବାର ଖଲ୍ଲିକୋଟ ପୁଲିସ ତରଫରୁ ସେମାନଙ୍କୁ ସାହାଯତା ଯୋଗାଇ ଦିଆଯାଇଛି। ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ, ଏଏସଆଇ ହରିକୃଷ୍ଣ ସାମଲ, କନେଷ୍ଟବଳ ରମାକାନ୍ତ ବେହେରା ଗ୍ରାମରେ ପହଞ୍ଚି ଅଗ୍ନି ବିପନ୍ନଙ୍କୁ ଚାଉଳ, ଲୁଗାପଟା, ପିଲା ମାନଙ୍କୁ ଡ୍ରେସ, ରାସନ ସାମଗ୍ରୀ ସହ ପ୍ରତ୍ୟେକ ପରିବାରଙ୍କୁ ଦୁଇ ହଜାର ଲେଖାଏଁ ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ। ତେବେ ତିନୋଟି ଯାକ ଅଗ୍ନି ବିପନ୍ନ ପରିବାର ଦିନ ମଜୁରିଆ ହୋଇ ଥିବାରୁ ତୁରନ୍ତ ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



## ଜମି ବିବାଦରୁ ଆକ୍ରମଣ ୩ ଗିରଫ, ଖଣ୍ଡା ଜବତ

ପୁରୁଷୋତ୍ତମପୁର,୨୮ ।୭(ସମିସ): ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ହାଣ୍ଡିଘର ଗ୍ରାମରେ ଜମିଜମା ବିବାଦ ତଥା ପୂର୍ବ ଶତ୍ରୁତାକୁ ନେଇ ଗୋଟିଏ ପରିବାର ଅନ୍ୟ ଏକ ପରିବାରର ତିନି ଜଣଙ୍କୁ ଖଣ୍ଡାରେ ଆକ୍ରମଣ କରିଛନ୍ତି। ଆକ୍ରମଣ ଘଟଣାରେ ବାପା ଓ ଦୁଇ ପୁଅଙ୍କୁ କାବୁ କରିଛି ପୁଲିସ। ଗିରଫ ଅଭିଯୁକ୍ତ ମାନେ ହେଲେ କର୍ଣ୍ଣ ମହାନ୍ତି(୬୫), ଶାନ୍ତନୁ ମହାନ୍ତି ଓରଫ (ପଢ଼ା) (୩୩), ସାଧୁଚରଣ ମହାନ୍ତି ଓରଫ(କାଳିଆ)(୨୯)। ଏହି ତିନି ଅଭିଯୁକ୍ତ ମାନେ ଗତକାଲି ସନ୍ଧ୍ୟା ସମୟରେ ହାଣ୍ଡିଘରର ଭାଗିରଥି ମହାନ୍ତି (୫୫), ଗୋପାଳ ମହାନ୍ତି (୪୦) ଓ କାହ୍ନୁ ମହାନ୍ତି (୨୮)ଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ବାସିନ୍ଦା ତିନି ଜଣଙ୍କୁ ପ୍ରଥମେ ପୁରୁଷୋତ୍ତମପୁର ଓ ପରେ ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରାଇଥିଲେ। ଅଧିକ ଚିକିତ୍ସା ନିମନ୍ତେ ତିନି ଜଣଙ୍କୁ ବିଶାଖାପାଟଣାରେ ଏକ ଘରୋଇ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ଆକ୍ରମଣକୁ ନେଇ ବାବୁଚରଣ ମହାନ୍ତି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ କେସ୍ ନଂ ୫୭୯/୨୫ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସୋମବାର ପୁଲିସ କର୍ଣ୍ଣ ଓ ତାର ଦୁଇ ପୁଅକୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହ ଆକ୍ରମଣରେ ବ୍ୟବହୃତ ଖଣ୍ଡାକୁ ମଧ ଜବତ କରିଛି। ପୁଲିସ କହିବା ଅନୁସାରେ ଜମିଜମା ବାବଦକୁ ନେଇ ଦୀର୍ଘ ବର୍ଷ ହେଲା ସମ୍ପର୍କୀୟ ଭାଇ ମାନଙ୍କ ମଧ୍ୟରେ ବିବାଦ ଲାଗିଥିଲା। ରବିବାର ଏହା ଉଗ୍ର ରୂପ ନେଇଥିଲା । ଯାହାଫଳରେ ତିନି ଜଣଙ୍କୁ ମରଣାକକ ଆକ୍ରମଣ କରିଥିଲେ ଅନ୍ୟ ତିନି ସମ୍ପର୍କୀୟ ଭାଇ। ଅଧିକ ତଦନ୍ତ ପାଇଁ ଏସଆଇ ଆଦିତ୍ୟ ନାରାୟଣ ପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ଏନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ପୁରୁଷୋତ୍ତମପୁର ଏସଡ଼ିପିଓ ସୁଜିତ କୁମାର ନାୟକ।





## ଦୋକାନ ସାମ୍ନାରୁ ବାଇକ୍ ଚୋରି

ଜଗନ୍ନାଥପ୍ରସାଦ,୨୮ ।୭(ସମିସ): ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ଆଗରେ ଚା'ଦୋକାନ କରିଥିବା ସନାତନ ସେଠୀଙ୍କ ଗ୍ଲାମର ଗାଡିକୁ କୌଣସି ଏକ ଦୁବୃତ୍ତ ଚୋରି କରି ନେଇଯାଇଛି।

ସେ ତାଙ୍କ ବାଇକ୍ ନମ୍ବର ଓଡି୩୨ଜି୯୧୬୭ଟି ନିଜ ଚା 'ଦୋକାନ ସମ୍ମୁଖରେ ଗତ ୨୬ରିଖ ରାତିରେ ରଖିଥିଲେ। ପରଦିନ ସକାଳୁ ଦୋକାନ ଖୋଲିବା ବେଳକୁ ସେହି ସ୍ଥାନରେ ଗାଡି ନ ଥିଲା। ପଡୋଶୀ ଦୋକାନରେ ଲାଗିଥିବା ସିସିଟିଭି ଯାଞ୍ଚ ବେଳେ ୨୭/୭ରିଖ ଭୋର ୪ଟା ବେଳକୁ ଏକ ଚୋର ଆସି ହେଣ୍ଡଲ ଚାବି ଭାଙ୍ଗି ନକଲି ଚାବି ବ୍ୟବହାର କରି ନେଇ ଯାଇଥିବା ସିସିଟିଭିରୁ ଦେଖିଥିଲେ। ବହୁତ ଖୋଜାଖୋଜି ପରେ ବାଇକଟିକୁ ନ ପାଇବାରୁ ନିକଟସ୍ଥ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୁଲି ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ୨୭ ୟୁନିଟ୍ ରକ୍ତ ସଂଗୃହୀତ

କୋଦଳା,୨୮ ।୭(ସମିସ): ଗଞ୍ଜାମ ଜିଲ୍ଲା ବେଗୁନିଆପଡା ବ୍ଲକ ଅନ୍ତର୍ଗତ ତାଳସର ପଞ୍ଚାୟତର ହଂସତୁଳି ସ୍ଥିତ ମର୍ଦ୍ଦରାଜ କଲ୍ୟାଣ ମଣ୍ଡପ ପରିସରରେ ସ୍ୱର୍ଗତ କାହ୍ନୁ ଚରଣ ଜେନାଙ୍କ ସ୍ମୃତିରେ ହଂସତୁଳି ଯୁବ ସଂଘ, ଜୀବନ ଧାରା ,ଜୀବନ ଦ୍ୱିତୀ ଏଜୁକେଶନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ନୂଆଗଡ ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରୁ ୨୭ ୟୁନିଟ ରକ୍ତ ସଂଗୃହିତ ହୋଇଛି। କାର୍ଯ୍ୟକ୍ରମରେ ତାଳସର ସରପଞ୍ଚ ମୁକୁନ୍ଦ ମାଧବ ସ୍ୱାଇଁ, ବରିଷ୍ଠ ନାଗରିକ ରଙ୍କନାଥ ସ୍ୱାଇଁ, ରମେଶ ଚନ୍ଦ୍ର ପଣ୍ଡା, ଅଙ୍ଗାରଗାଁ ଦଣ୍ଡପାଣି ସୁମନ୍ତରାୟ ଉଚ୍ଚ ବିଦ୍ୟାଳୟର ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ବିଜ୍ଞାନ ଶିକ୍ଷକ ପ୍ରସନ୍ନ କୁମାର ନାୟକ, ଟ୍ରଷ୍ଟ ସମ୍ପାଦକ ଟୁକୁନା ପ୍ରଧାନ, ରାହଡା ସ୍ୱାସ୍ଥ୍ୟକେନ୍ଦ୍ର ଏଲଟି ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ଫାର୍ମାସିଷ୍ଟ ପ୍ରକାଶ ଚନ୍ଦ୍ର ଗୌଡ଼, ଡାକ୍ତର ମନୋଜ କୁମାର, ଜୀବନ ଧାରା ସଂଗଠନ ସଭାପତି ଏମ.ଗୋପବନ୍ଧୁ ଆଚାରୀ, ବି ସୋମେଶ ପାତ୍ର, ଗୌରହରୀ ପଲାଇ, ସମାଜସେବୀ ମହାସଂଘ ପକ୍ଷରୁ ଧର୍ମାନନ୍ଦ ମହାରଣା, ଅଙ୍ଗାରଗାଁ ସରପଞ୍ଚ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ସେଠୀ, ଗଙ୍ଗାଧର ପଟ୍ଟନାୟକ, ଦୀପକ ଖଟେଇ, ଶିକ୍ଷକ କବିରାଜ ଜେନା ବଳରାମ ସ୍ୱାଇଁ, ଗୌତମ ସ୍ୱାଇଁ, ନାରାୟଣ ଜେନା, ଶିକ୍ଷାବିତ୍ ଦେବେନ୍ଦ୍ର କୁମାର ମହାରଣା, ସୁରେଶ ବାରିକଙ୍କ ସମେତ ହଂସତୁଳି ଗ୍ରାମବାସୀ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ରକ୍ତଦାତା ମାନେ ହେଲେ ସୁଶାନ୍ତ କୁମାର ସ୍ୱାଇଁ, ରଞ୍ଜିତ କୁମାର ସ୍ୱାଇଁ, ମୁନା ଜେନା, ମୃତ୍ୟୁଞ୍ଜୟ ବିଷୋୟୀ,ପବିତ୍ର କୁମାର ସ୍ୱାଇଁ,ସଞ୍ଜୟ ଖଟୁଆ ,ମିଥୁନ ଜେନା, ତ୍ରିନାଥ ଭୁୟାଁ, ବାବୁନା ଜେନା, ବନମାଳି ଜେନା, ନିରାକାର ଜେନା,ଶିବ ଜେନା, ସିଦ୍ଧାନ୍ତ ଜେନା, ସନ୍ୟାସୀ ଜେନା, ପବିତ୍ର କୁମାର ଜେନା, ଜିଲୁ ଜେନା, ନାରାୟଣ ଜେନା, ସୁମନ୍ତ ଜେନା, ନିଲେସ ତାରିଣି, ଜୟରାମ ଜେନା, ଜିତେନ୍ଦ୍ର ଜେନା, ବିଚିତ୍ର ସ୍ୱାଇଁ, ଗୌତମ ସ୍ୱାଇଁ, କୃଷ୍ଣ ପଲେଇ, ଧ୍ରୁବସେନ ପାତ୍ର, ସତ୍ୟ ରଞ୍ଜନ ନାୟକ, ଜିତେନ୍ଦ୍ର କୁମାର ସ୍ୱାଇଁ। ବ୍ରହ୍ମପୁର ରକ୍ତ ଭଣ୍ଡାର ପକ୍ଷରୁ ଡା. ରାମ ଚନ୍ଦ୍ର ମହାପାତ୍ର, ପିକେ ସୁବୁଦ୍ଧି, ବିକ୍ରମ ଦୀକ୍ଷିତ, ଗୋପାଳ ସାହୁ, ବସନ୍ତ ବେହେରା, ପ୍ରଦୀପ୍ତା ତ୍ରିପାଠୀ, ରାଜେଶ ପଟ୍ଟନାୟକ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ପ୍ରତି ରକ୍ତଦାତାଙ୍କୁ ଚାରା ବଣ୍ଟନ କରାଯାଇଥିଲା। ଏଥିସହ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁମଣ୍ଡଳ ବନ ବିଭାଗକର୍ମକର୍ତ୍ତାପ୍ରମୁଖଉପସ୍ଥିତଥିଲେ।



## ମହିଳା ଓ ଶିଶୁ ବିକାଶ ବିଭାଗ ସଚିବଙ୍କ ଖଲ୍ଲିକୋଟ ଗସ୍ତ



ଖଲ୍ଲିକୋଟ,୨୮ ।୭(ସମିସ): ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ମୁଖ୍ୟ ସଚିବ ଶୁଭ ଶର୍ମା ସୋମବାର ଦୁଇ ଦିନିଆ ଗଞ୍ଜାମ ଜିଲ୍ଲା ଗସ୍ତରେ ଆସି ପ୍ରଥମେ ଖଲ୍ଲିକୋଟ ବ୍ଲକରେ ପହଞ୍ଚିଥିଲେ। ସେ ଖଲ୍ଲିକୋଟ ବ୍ଲକର ଲଙ୍ଗଳେଶ୍ୱର ଠାରେ ପହଞ୍ଚି ରାଧା ଚରଣ ବିଦ୍ୟାପୀଠ ବୁଲି ଦେଖିବା ସହ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ଅଙ୍ଗନବାଡି କେନ୍ଦ୍ରକୁ ଯାଇ ଅଙ୍ଗନବାଡି କର୍ମୀଙ୍କ ସହିତ ଆଲୋଚନା କରିଥିଲେ। ସେଠାରୁ ମଣି ନାଗେଶ୍ୱରୀ ସିଲେଇ କେନ୍ଦ୍ର ପରିଦର୍ଶନ କରି ମିଶନଶକ୍ତି ମହିଳାଙ୍କୁ ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ସଚିବଙ୍କ ଏହି ଗସ୍ତ ସମୟରେ ଖଲ୍ଲିକୋଟ ବ୍ଲକର ସହକାରୀ ଯନ୍ତ୍ରୀ ହରେକୃଷ୍ଣ ସାହୁ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ଦାୟିତ୍ୱ ଗ୍ରହଣ

# 'ଅଭିଯୋଗ ଶୁଣାଣିକୁ ପ୍ରାଥମିକତା ଦିଆଯିବ'

ଛତ୍ରପୁର,୨୮ ।୭(ସମିସ): ଗଞ୍ଜାମ ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ୨୦୧୮ ବ୍ୟାଚ୍‌ର ଆଇଏଏସ୍ ଅଫିସର ଭି କୀର୍ତ୍ତି ଭାସନ ଯୋଗ ଦେଇଛନ୍ତି। ପୂର୍ବରୁ ଥିବା ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କୁ ପୁରୀ ଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ନୂତନ ଜିଲ୍ଲାପାଳ ପୂର୍ବାହ୍ନରେ ଦାୟିତ୍ୱ ଗ୍ରହଣ କରିବା ଜିଲ୍ଲାରେ ବିଭିନ୍ନ ବିକାଶମୂଳକ ଯୋଜନାକୁ ଗୁରୁତ୍ୱ ଦେବା ସହିତ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାମକୁ ତୁରନ୍ତ ଶେଷ କରାଯିବ ଓ ଜିଲ୍ଲାବାସୀଙ୍କୁ ଉପଯୁକ୍ତ ସେବା ଯୋଗାଇଦେବା ଏବଂ ଅଭିଯୋଗ ଶୁଣାଣିକୁ ପ୍ରାଥମିକତା ଦିଆଯିବ ବୋଲି ନୂତନ ଜିଲ୍ଲାପାଳ କହଛନ୍ତି। ପୂର୍ବରୁ ଜିଲ୍ଲାରେ କାର୍ଯ୍ୟ କରିବାର ଅଭିଜ୍ଞତା ମୋତେ ସାହାର୍ଯ୍ୟ କରିବ, ଜିଲ୍ଲାର ବିକାଶ କରିବା ନିମନ୍ତେ ଲୋକଙ୍କୁ ନେଇ କାମ କରିବି। ଜନସାଧାରଣଙ୍କ ଯେଉଁ ସବୁ ଅଭିଯୋଗ ତଥା ସମସ୍ୟା ରହିଛି ତାହାକୁ ପ୍ରାଥମିକତା ଭିତ୍ତିରେ ସମାଧାନ କରିବା ନିମନ୍ତେ ପଦକ୍ଷେପ ନିଆଯିବ। ଜିଲ୍ଲାର ସମସ୍ତ ଜନପ୍ରତିନିଧି ମାନଙ୍କ ମତାମତକୁ ନେଇ ଜିଲ୍ଲାର ବିକାଶ ଦିଗରେ କାମ କରିବି। ଜିଲ୍ଲାରେ ଅନେକ ପ୍ରକଳ୍ପ ଚାଲିଥିବା ବେଳେ ତାହା କିଭଳି ସଠିକ ସମୟରେ ଶେଷ ହେବ ସେ ନେଇ ପଦକ୍ଷେପ ନିଆଯିବ। ସେହିପରି ଉପଜିଲ୍ଲାପାଳଙ୍କ ସ୍ତରରେ ଅଭିଯୋଗ ଶୁଣାଣି ଚାଲିଥିବାବେଳେ ତାହା କିପରି ବ୍ଲକ ଓ ପଞ୍ଚାୟତ ସ୍ତରରେ କରାଯିବ ସେଥିପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ ଜିଲ୍ଲାପାଳ ଶ୍ରୀ ଭାସନ।



ପୂର୍ବରୁ କୋରାପୁଟ ଜିଲ୍ଲାପାଳ ଭାବରେ କାର୍ଯ୍ୟ ସୁଚାରୁ ରୂପେ ନିର୍ବାହ କରି ସମସ୍ତଙ୍କ ପ୍ରିୟ ପାତ୍ର ହୋଇଥିଲେ। ସରକାରଙ୍କ ପକ୍ଷରୁ ତାଙ୍କୁ ଗଞ୍ଜାମ ଜିଲ୍ଲାପାଳ ଭାବେ ବଦଳି କରାଯାଇଥିଲା। ସୋମବାର ସେ ଗଞ୍ଜାମ ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଜିଲ୍ଲାର ବିଭିନ୍ନ ଅଧିକାରୀ ସ୍ୱାଗତ ଜଣାଥିଲେ।

ପ୍ରଥମେ ସେ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ଦର୍ଶନ କରି ଛତ୍ରପୁର ଆସି ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ପୂର୍ବରୁ ବ୍ରହ୍ମପୁର ଉପଜିଲ୍ଲାପାଳ ଏବଂ ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇ ଆସିଛନ୍ତି।

## କାର୍ଗିଲ୍ ବିଜୟ ଦିବସ ପାଳିତ

ରମ୍ଭା,୨୮ ।୭(ସମିସ): ସ୍ଥାନୀୟ ରଘୁନାଥପୁରରେସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରରେ କାରଗିଲ ବିଜୟ ଦିବସ ପରିଚାଳନା ନିର୍ଦ୍ଦେଶକ ପୂର୍ଣଚନ୍ଦ୍ର ପଣ୍ଡାଙ୍କ ପୌରୋହିତ୍ୟରେ ପାଳନ କରାଯାଇଛି। ଚତୁର୍ଥ ଶ୍ରେଣୀ ଭାଇ ସଂଜୀତ୍ ନାହାକ, ପ୍ରତୀତ ଦଳବେହେରା ଓ ଭଉଣୀ ମୋନାଲିସା ନାହାକ କାରଗିଏ ଦିବସର ତାତ୍ପର୍ଯ୍ୟ ବିଷୟରେ ଉଲ୍ଲେଖ କରିଥିଲେ। ଗୁରୁମା ଅଞ୍ଜନା ମୁଦୁଲି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଗୁରୁମା ସ୍ମୃତିରେଖା ବେହେରା ଭାରତୀୟ ଯବାନମାନେ କିପରି ନିଜର ବିରତ୍ୱର ପରିଚୟ ଦେବା ସହିତ ପାକିସ୍ତାନ ସେନାଙ୍କୁ ବିତାଡିତ କରିଥିଲେ ସେନେଇ ଆଲୋଚନା କରିଥିଲେ। ଗୁରୁଜୀ କୃଷ୍ଣଚନ୍ଦ୍ର ବେହେରା ଭବିଷ୍ୟତରେ ଜଣେ ଜଣେ ସୈନିକ ହୋଇ ଦେଶକୁ ବାହାର ଶତ୍ରୁ ମାନଙ୍କ କବଳରୁ ରକ୍ଷା କରିବା ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନଶିକ୍ଷକ ସୁରେନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିବାବେଳେ ଗୁରୁମା ସସ୍ମିତା ମହାରଥୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଜ୍ୟୋତିର୍ମୟୀ ଦାସ, ଦୀପା ସାହୁ, ସ୍ୱପ୍ନାରାଣୀ ପାତ୍ର, ପି ସନ୍ଧ୍ୟା ପ୍ରଧାନ, ମାମାଲି ସାହୁ, ଜାଗୃତି ସାହୁ, ବିଦେଶିନୀ ମାଳି, ପୂଜା ସ୍ୱାଇଁ, ସିଲି ପଲାଇ, ସୁନିତା ସାହୁ, ସୂର୍ଯ୍ୟକାନ୍ତି ନାହାକଙ୍କ ସମତେ ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।



